୬ ମହିଳା କ୍ରିକେଟ ଇତିହାସରେ ସବୁଠାରୁ ଦ୍ରୁତତମ ବୋଲିଂ କଲେ ଶବନିମ ଇସମାଇଲ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୪୧ ● ୭ ମାର୍ଚ୍ଚ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-41 ● 7th March 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24







# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬/୩ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟରେ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି। ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ଛାଡି ଗାଁର ସବୁ ଲୋକ ଏହି ସୁବିଧା ପାଇବେ। ବୁଧବାର ଠାରୁ ଏହି କାର୍ଡ ବଣ୍ଟନ ଆରମ୍ଭ ହୋଇଥିବା ବେଳେ ମେ' ପହିଲା ଠାରୁ ହିତାଧିକାରୀମାନେ ଏହାର ସୁବିଧା ପାଇବେ। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଢେ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୋ ପରିବାର । ଆପଣମାନଙ୍କ ସୁଖ ଦୁଃଖରେ ମୁଁ ସବୁବେଳେ ରହିଛି ଓ ରହିଥିବି। ଆପଣମାନଙ୍କ ଖୁସି ମୋ ଖୁସି । ସୁସ୍ଥ ସମାଜ ଏକ ସମୃଦ୍ଧ ରାଷ୍ଟ୍ରର ଆଧାର ଏବଂ ସ୍ୱାସ୍ଥ୍ୟ ସହିତ ଏହାର ଗଭୀର ସଂପର୍କ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୋ ପରିବାରର ଲୋକମାନେ କିପରି ଭଲରେ ରହିବେ ସେଥିପାଇଁ ମୁଁ ସବୁବେଳେ କାମ କରି ଚାଲିଛି ଓ କରି ଚାଲିବି।




ସୂଚନାଯୋଗ୍ୟ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ପରିବାର ଯାହାକି ରାଜ୍ୟ ଜନସଂଖ୍ୟାର ୮୦ ଭାଗ ହେବେ, କ୍ୟାସଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି। ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବାବେଳେ ପରିବାରର ଅନ୍ୟ ସଦସ୍ୟମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରାଯାଇଛି। ଏହି ଯୋଜନାରେ ମାସକୁ ୧ ଲକ୍ଷ ୩୦ ହଜାର ହିତାଧିକାରୀ ୮୧୬ଟି ପଞ୍ଜିକୃତ ବେସରକାରୀ ହସ୍‌ପିଟାଲରେ ଚିକିତ୍ସା ସୁବିଧା ପାଉଛନ୍ତି। *(ପୃଷ୍ଠା ୭ରେ)*

# ଦେଶର ପ୍ରଥମ ଅଣ୍ଡର ୱାଟର ମେଟ୍ରୋ ଟନେଲର ଲୋକାର୍ପଣ କଲେ ମୋଦି



**ନୂଆଦିଲ୍ଲୀ, ୬/୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କୋଲକାତାରେ ଭାରତର ପ୍ରଥମ ଅଣ୍ଡର ୱାଟର ମେଟ୍ରୋ ରୁଟ୍ ବା ପାଣି ତଳ ମାର୍ଗର ଉଦ୍‌ଘାଟନ କରିଛନ୍ତି, ଯାହାକି ଭିତ୍ତିଭୂମି ବିକାଶ ଦିଗରେ ଦେଶର ପଦକ୍ଷେପକୁ ଦର୍ଶାଉଛି। ମୋଦି ୧୫,୪୦୦ କୋଟି ଟଙ୍କା ମୂଲ୍ୟର ଏକାଧିକ ସଂଯୋଗୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ପକାଇଛନ୍ତି। ଏଥି ସହ ଶହେ ବର୍ଷ ତଳର ସ୍ୱପ୍ନ ପୂରଣ ହୋଇଛି। ପାଣି ତଳେ କ୍ଷୀପ୍ର ବେଗରେ ଦୌଡ଼ିଛି ମେଟ୍ରୋ ରେଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପଶ୍ଚିମବଙ୍ଗଠାରେ ଦେଶର ପ୍ରଥମ ଅଣ୍ଡର ୱାଟର ମେଟ୍ରୋ ଟନେଲର ଲୋକାର୍ପଣ କରିଛନ୍ତି। ସବୁଜ ପତାକା ଦେଖାଇ ମୋଦି ଏହି ଅଣ୍ଡରୱାଟର ମେଟ୍ରୋକୁ ଉଦ୍‌ଘାଟନ କରିଛନ୍ତି। ସହରୀ ଗତିଶୀଳତା ଓ ସଯୋଂଗୀକରଣ କ୍ଷେତ୍ରରେ ଏହା ଏକ ନୂଆ ମାଇଲଖୁଣ୍ଟ ହେବ ବୋଲି ବିଶ୍ୱାସ କରାଯାଉଛି। ଏହି ମେଟ୍ରୋ ସେବା ହାୱଡ଼ା ଏବଂ ସଲ୍ଟ ଲେକ୍-ପଶ୍ଚିମବଙ୍ଗ ରାଜ୍ୟ ରାଜଧାନୀର ଟ୍ୱିନ୍‌ସିଟିକୁ ସଂଯୋଗ କରିବ। ଗ୍ରୀନ ଲାଇନ୍‌ରେ ଆସୁଥିବା ଏହି ଅଣ୍ଡର ୱାଟର ମେଟ୍ରୋ ଟନେଲର *(ପୃଷ୍ଠା ୭ରେ)*




ସମ୍ପାଦକୀୟ
30 YEARS
ସମ୍ବାଦ କାଳିକା

# ଜିଡିପି ବଢ଼ିଲା ୮.୪%

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ଅବଧିରେ ଭାରତୀୟ ଅର୍ଥନୀତିର ବିକାଶ ହାର ଭଲ ରହିଛି। ଏହି ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୪ ପ୍ରତିଶତ ବଢ଼ିଛି। ବିନିର୍ମାଣ (ମାନୁଫାକ୍ଚରିଂ) ଏବଂ ଖଣି କ୍ଷେତ୍ରର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିବା କାରଣରୁ ଜିଡିପିରେ ଏଭଳି ଉନ୍ନତି ସମ୍ଭବ ହୋଇଛି। ମାନୁଫାକ୍ଚରିଂ ୧୧.୬ ପ୍ରତିଶତ, ନିର୍ମାଣ ୯.୫ ପ୍ରତିଶତ; ବାଣିଜ୍ୟ, ହୋଟେଲ ଓ ପରିବହନ ୬.୭ ପ୍ରତିଶତ, ଆର୍ଥିକ କ୍ଷେତ୍ର ସହିତ ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଛି। ତେବେ ଚିନ୍ତାର ବିଷୟ ହେଲା ସଂଖ୍ୟାଧିକ ଲୋକ କୃଷି ଉପରେ ଏବେ ବି ନିର୍ଭରଶୀଳ ଥିଲେ ମଧ୍ୟ ତୃତୀୟ ତ୍ରୟମାସରେ ଦେଶର କୃଷିକ୍ଷେତ୍ରର ଅଭିବୃଦ୍ଧି ବିୟୁକ୍ତ ୦.୮ ପ୍ରତିଶତ ଅର୍ଥାତ୍ ସଂକୁଚିତ ହୋଇଛି। ଦ୍ୱିତୀୟ ତ୍ରିମାସୀରେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧.୬ ପ୍ରତିଶତ ରହିଥିଲା।

ସେହିଭଳି ଗତ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ କୃଷି କ୍ଷେତ୍ର ୫.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ବର୍ତ୍ତମାନ ମୂଲ୍ୟରେ ତୃତୀୟ ତ୍ରୟମାସର ଜିଡିପି ୭୫.୪୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୮.୫୮ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧିରେ ୧୦.୧ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ୨୦୧୧-୧୨ର ସ୍ଥିର ମୂଲ୍ୟରେ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସ ଜିଡିପି ୪୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ର ତୃତୀୟ ତ୍ରୟମାସରେ ଏହା ୪୦.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣି ଏହି ସମୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ବଢ଼ିଥିବା ଆକଳନ ହୋଇଛି।

ଏଥିସହିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୟମାସ ପାଇଁ ମଧ୍ୟ ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯାଇଛି। ପୂର୍ବ ଆକଳନରେ ପ୍ରଥମ ଓ ଦ୍ୱିତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୭.୮ ଏବଂ ୭.୬ ପ୍ରତିଶତ ରହିଥିଲା। କିନ୍ତୁ ଆଜି ଉକ୍ତ ସଂଖ୍ୟା ଯଥାକ୍ରମେ ୮.୨ ପ୍ରତିଶତ ଏବଂ ୮.୧ ପ୍ରତିଶତ ରହିଥିବା ଦର୍ଶାଯାଇଛି। ତୃତୀୟ ତ୍ରୟମାସରେ ଅର୍ଥନୀତିର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିଲା। ତେଣୁ ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ ତୁଳନାରେ ଅଭିବୃଦ୍ଧି ଭଲ ରହିଛି। ଆଜି ପ୍ରକାଶିତ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତବର୍ଷ ପୂର୍ବରୁ କରାଯାଇଥିବା ପ୍ରଥମ ଅଗ୍ରିମ ଆକଳନରେ ଆର୍ଥିକବର୍ଷର ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା।

ବର୍ତ୍ତମାନ ମୂଲ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ୨୯୩.୯୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୨-୨୩ ଆର୍ଥିକବର୍ଷରେ ଏହା ୨୬୯.୫୦ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୧ ପ୍ରତିଶତ ରହିବା ନେଇ ହିସାବ କରାଯାଇଛି। ତେବେ ୨୦୧୧-୧୨ ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ୨୦୨୩-୨୪ ଆର୍ଥିକବର୍ଷର ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ସଂଶୋଧିତ ଆକଳନରେ ବାସ୍ତବ ଜିଡିପି ୧୬୦.୭୧ ଲକ୍ଷ କୋଟି ଟଙ୍କା ରହିବ ବୋଲି କୁହାଯାଇଛି। ତେଣୁ ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୭.୬ ପ୍ରତିଶତ ରହିବା ନେଇ ଏନ୍ଏସ୍ଓ (ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଭାରତୀୟ ଅର୍ଥନୀତିର ତୃତୀୟ ତ୍ରୟମାସ ଜିଡିପି ଅଭିବୃଦ୍ଧି ରିପୋର୍ଟ ଆସିବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ମତ ରଖିଛନ୍ତି। ୮.୪ ପ୍ରତିଶତର ଜିଡିପି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସପାଇଁ ଆମର ପ୍ରଚେଷ୍ଟା ଜାରି ରହିବ, ଯେପରିକି ୧୪୦ କୋଟି ଭାରତୀୟ ଉତ୍ତମ ଜୀବନ ଜିଇଁ ପାରିବେ ଏବଂ ଏକ ବିକଶିତ ଭାରତ ତିଆରି ହୋଇପାରିବ ବୋଲି ପ୍ରଧାମନ୍ତ୍ରୀ କହିଛନ୍ତି।



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୫୧**

# ନିଜେ ନ ଖାଇ ଭିକ୍ଷୁକଙ୍କୁ ଖୁଆଉଥିବା ସତ୍ୟଙ୍କୁ ସାପ କିଛି କଲାନି

ଏଥିରେ ଅନେକ ଲୋକଙ୍କ ବିଶ୍ୱାସ ହେଲା ଯେ ସତ୍ୟସାଇ ନିଶ୍ଚୟ ସିରିଡି ବାବାଙ୍କ ପର ଅବତାର। ଶିଶୁ ସତ୍ୟସାଇ ପିଲା ଦିନରୁ କାହାରି ଯନ୍ତ୍ରଣା ସହ୍ୟ କରି ପାରୁନଥିଲେ। ତାଙ୍କ ପରିବାରର ଅନ୍ୟମାନେ ଆମିଷାଶୀ ଥିଲା ବେଳେ ସତ୍ୟ କିନ୍ତୁ ସମ୍ପୂର୍ଣ୍ଣ ନିରାମିଷାଶୀ ଥିଲେ। ଥରେ ସେ ଶୁଣିବାକୁ ପାଇଲେ ଯେ ତାଙ୍କର ରାତ୍ର ଭୋଜନ ପାଇଁ ଗୋଟିଏ କୁକୁଡାକୁ ମାରିବାକୁ ଯାଉଛନ୍ତି। ସତ୍ୟ ଆଉ ଏହା ସମ୍ଭାଳି ନପାରି ସେ କୁକୁଡା ଟିକୁ ଧରି ନିଜ ଛାତିରେ ଜାବୁଡି ଧରିଲେ। ସତ୍ୟଙ୍କର ଏପରି ଅନୁରାଗ ପୂର୍ଣ୍ଣ ଆଚରଣ ଦେଖି ଆତ୍ମୀୟ ମାନେ କୁକୁଡାଟିକୁ ମାରିବାରୁ କ୍ଷାନ୍ତ ହେଲେ। ଶିଶୁ ସତ୍ୟଙ୍କର ଏପରି ଆଚରଣ ଦେଖି ସତ୍ୟଙ୍କୁ ବ୍ରହ୍ମଜ୍ଞାନୀ କୁହାଯାଉଥିଲା। ଅସଂଖ୍ୟ ଭିକାରୀ ସତ୍ୟଙ୍କ ଘରକୁ ଭିକ ମାଗିବାକୁ ଆସୁଥିଲେ।



ସତ୍ୟ ସାଇ ଜନ୍ମନେବା ପରେ ଶିଶୁକୁ ଏକ ଲୁଗାଶେଯରେ ଭୂଇଁ ଉପରେ ରଖାଯାଇଥିଲା। ସେଇ କୋଠରୀ ଭିତରେ ଥିବା ମହିଳାମାନେ ସେତେବେଳେ ଲକ୍ଷ୍ୟ କଲେ ଯେ ଶେଜର ଲୁଗା ଗୁଡିକ ବିଚିତ୍ର ଭାବରେ ତଳ ଉପର ହେଉଛି ଯେଭଳି ତା ତଳେ କୌଣସି ଜୀବ ଜନ୍ତୁ ରହିଛି। ସତକୁ ସତ ଦେଖିଲା ବେଳକୁ ଥିଲା ଗୋଟିଏ କଳାନାଗ। ସାପଟି ପିଲାର କିଛି କ୍ଷତି ନକରି ଆପେ ଆପେ ଚାଲିଗଲା। ସାପ ହେଉଛି ଶିବଙ୍କର ଏକ ଭୂଷଣ। ସତ୍ୟ ସାଇଙ୍କର ପୂର୍ବ ଅବତାର ସିରିଡି ବାବା ମଧ୍ୟ ଅନେକ ସମୟରେ ନାଗ ଉପରେ ତାଙ୍କର ଅନୁଗାମୀ ମାନଙ୍କୁ ଦର୍ଶନ ଦେଉଥିଲେ। ଏଥିରେ ଅନେକ ଲୋକଙ୍କ ବିଶ୍ୱାସ ହେଲା ଯେ ସତ୍ୟସାଇ ନିଶ୍ଚୟ ସିରିଡି ବାବାଙ୍କ ପର ଅବତାର। ଶିଶୁ ସତ୍ୟସାଇ ପିଲା ଦିନରୁ କାହାରି ଯନ୍ତ୍ରଣା ସହ୍ୟ କରି ପାରୁନଥିଲେ। ତାଙ୍କ ପରିବାରର ଅନ୍ୟମାନେ ଆମିଷାଶୀ ଥିଲା ବେଳେ ସତ୍ୟ କିନ୍ତୁ ସମ୍ପୂର୍ଣ୍ଣ ନିରାମିଷାଶୀ ଥିଲେ। ଥରେ ସେ ଶୁଣିବାକୁ ପାଇଲେ ଯେ ତାଙ୍କର ରାତ୍ର ଭୋଜନ ପାଇଁ ଗୋଟିଏ କୁକୁଡାକୁ ମାରିବାକୁ ଯାଉଛନ୍ତି। ସତ୍ୟ ଆଉ ଏହା ସମ୍ଭାଳି ନପାରି ସେ କୁକୁଡା ଟିକୁ ଧରି ନିଜ ଛାତିରେ ଜାବୁଡି ଧରିଲେ। ସତ୍ୟଙ୍କର ଏପରି ଅନୁରାଗ ପୂର୍ଣ୍ଣ ଆଚରଣ ଦେଖି ଆତ୍ମୀୟ ମାନେ କୁକୁଡାଟିକୁ ମାରିବାରୁ କ୍ଷାନ୍ତ ହେଲେ। ଶିଶୁ ସତ୍ୟଙ୍କର ଏପରି ଆଚରଣ ଦେଖି ସତ୍ୟଙ୍କୁ ବ୍ରହ୍ମଜ୍ଞାନୀ କୁହାଯାଉଥିଲା।

ଅସଂଖ୍ୟ ଭିକାରୀ ସତ୍ୟଙ୍କ ଘରକୁ ଭିକ ମାଗିବାକୁ ଆସୁଥିଲେ। ସତ୍ୟ ଘରେ ଥିଲେ କେହି ମଧ୍ୟ ତାଙ୍କ ଘରୁ ନଖାଇ ବାହୁଡି ଯାଉ ନଥିଲେ। ସତ୍ୟ ତାଙ୍କ ଜନନୀ ଓ ବଡ ଭଉଣୀଙ୍କୁ ସେମାନଙ୍କୁ ଖାଇବାକୁ ଦେବାକୁ ବାଧ କରୁଥିଲେ। ଏପରିକି ରାସ୍ତାରେ କୌଣସି ଅନ୍ଧ ବା ପଙ୍ଗୁ ଲୋକ ଦେଖିଲେ ସେମାନଙ୍କୁ ସତ୍ୟ ଘରକୁ ନେଇ ଆସୁଥିଲେ ଏବଂ ମା ଓ ବଡ ଭଉଣୀଙ୍କୁ ସେମାନଙ୍କୁ ଖାଇବାକୁ ଦେବା ପାଇଁ ବାଧ କରୁଥିଲେ। ଏଥିରେ ଅନେକ ସମୟରେ ପରିବାର ଲୋକେ ଅସନ୍ତୁଷ୍ଟ ହେଉଥିଲେ। ଥରେ ସତ୍ୟଙ୍କ ମା କହିଲେ, 'ଦେଖ ସତ୍ୟ, ଆମେମାନେ ଯଦି ଏହି ଭିକ୍ଷୁକ ମାନଙ୍କୁ ଖାଇବାକୁ ଦେଉଥିବା ତୋତେ ଦିନେ ଉପବାସ ରହିବାକୁ ପଡିବ।'' କିନ୍ତୁ ମାଙ୍କ ଏଇ କଥା ଶିଶୁ ସତ୍ୟଙ୍କର ମନୋବଳ ଭାଙ୍ଗି ପାରି ନଥିଲା। କିନ୍ତୁ ଶିଶୁ ସତ୍ୟ ତାଙ୍କର ମଧ୍ୟାହ୍ନ ଭୋଜନରୁ ନିବୃତ୍ତ ରହିବା ପାଇଁ ସ୍ଥିର କଲେ ଓ କଲେ ମଧ୍ୟ। ପରିବାର ଲୋକଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସେ ଥାଳି ପାଖରେ ବସିଲେ ନାହିଁ। ତେବେ ସେ କ୍ଷୁଧାର୍ତ୍ତ ହେବାର ସଙ୍କେତ ମଧ୍ୟ ଦେଉ ନଥିଲେ। ଦୁର୍ବଳ ମଧ୍ୟ ହୋଇ ନଥିଲେ। ବିବ୍ରତ ହୋଇ ତାଙ୍କ ମା ଯେତେବେଳେ ସତ୍ୟଙ୍କୁ ଖାଇବାକୁ ଗୁହାରୀ କଲେ ସେ କହିଲେ ଯେ ସୁସ୍ୱାଦୁ ଦୁଧ ଭାତରେ ପେଟ ଭର୍ତ୍ତି କରିଛନ୍ତି। ତାଙ୍କୁ ଏ ସୁସ୍ୱାଦୁ ଦୁଧଭାତ କିଏ ଦେଇଛି ବୋଲି ପଚାରିବାରୁ ସତ୍ୟ କହିଲେ ସେ ଯେଉଁ ଟାଟା ନାମକ ବୁଢା ଲୋକଟି ତାଙ୍କୁ ଏହା ଖୁଆଇଛନ୍ତି।'' ତେବେ ସେ ଅଞ୍ଚଳରେ କୌଣସି ଟାଟା ନାମକ ଲୋକର ନାମ କେହି ଶୁଣି ନଥିଲେ କି ଦେଖି ନଥିଲେ। ସତ୍ୟଙ୍କ ଜନନୀ ସତ୍ୟର ଡାହାଣ ହାତ ପାପୁଲିକୁ ଶୁଙ୍ଘିଲେ ଓ ଘିଅ ଦୁଧ ଓ ଦହିର ସୁଗନ୍ଧ ପାଇଲେ। ଏପରି ଦିବ୍ୟ ସୁବାସ ସେ ପୂର୍ବରୁ କେବେ ବି ପାଇ ନଥିଲେ।

(କ୍ରମଶ)



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail: mayadharnayak2014@gmail.com

# ଏସିଆର ଉଇହୁଙ୍କାରେ ଓଁକାର

ଏସିଆ... ଇତିହାସର ଅନ୍ଧାରୀରାତିରୁ ଆଧୁନିକ ସମୟର ସଫେଦ୍ ସକାଳ ପର୍ଯ୍ୟନ୍ତ ବହୁ ବୈଦେଶିକ ଆକ୍ରମଣକାରୀଙ୍କ ଲୁଣ୍ଠନର କରୁଣ ଶିକାର ହୋଇଆସିଛି। ଖ୍ରୀଷ୍ଟପୂର୍ବ ୩୦୦ ଅବ୍ଦର ଗ୍ରୀକ୍ ଆଲେକ୍ଜାଣ୍ଡରଠାରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀର ଆଫ୍ଗାନ ଆକ୍ରମଣକାରୀ ଅହମଦଶାହ ଦୁରାନୀ ପ୍ରମୁଖ ପାହାଡ଼ପର୍ବତ ପାରିହୋଇ ଏସିଆର ଉପମହାଦେଶ ଭାରତ ଚଢ଼ଉ କରିଛନ୍ତି। ମାତ୍ର ସାତସମୁଦ୍ର ପାରିହୋଇ ପର୍ତ୍ତୁଗୀଜ୍, ଫରାସୀ ଓ ବ୍ରିଟିଶ୍ ପ୍ରମୁଖ ପାଶ୍ଚାତ୍ୟ ଆକ୍ରମଣକାରୀବର୍ଗ ଭାରତମୁଖୀ ହୋଇଛନ୍ତି ଉନବିଂଶ ଶତାବ୍ଦୀର ଆଦ୍ୟପାଦ ପର୍ଯ୍ୟନ୍ତ। ହଁ, ଲକ୍ଷ୍ୟକେବଳ ଲୁଣ୍ଠନ, ଅପର୍ଯ୍ୟାପ୍ତ ସଂପଦ ଅପହରଣ। ଏବେ କିନ୍ତୁ ସେ ଧାରା ବଦଳିଛି। ଏବେ ଏଠାକୁ ନଆସି ମଧ୍ୟ ଆମେରିକା ଲୁଣ୍ଠନ ଓ ଶୋଷଣ କରିପାରୁଛି ଏସିଆ ମହାଦେଶର ବିଭିନ୍ନ ରାଷ୍ଟ୍ରଙ୍କୁ। ଆଫ୍ରିକାର ନିଗ୍ରୋମାନଙ୍କୁ ଯେମିତି ମଧ୍ୟଯୁଗରେ ଗୋରାଲୋକେ କ୍ରୀତଦାସ କରିବା ଲୋଭରେ ନିଜଦେଶକୁ ବନ୍ଦୀ କରିନେଇଯାଉଥିଲେ, ଏବେ ଆମେରିକା ସେମିତି ଏସିଆରୁ ପ୍ରତିଭା ଚାଲାଣ କରିନେଉଛି ନିଜ ଇଲାକାକୁ - ଏସିଆର ବୁଦ୍ଧିକୁ ନିଜ ବିଜ୍ଞାନରେ ବ୍ୟବହାର କରି ବ୍ୟବସାୟ କରୁଛି - ନିଜ ଜ୍ଞାନର ଗୋଲାମ କରି ଶିଳ୍ପସଭ୍ୟତାର ସୌଖିନ୍ ସୌଧ ଗଢୁଛି। ଏଠାକୁ ଆସିବାର ବାଟଖର୍ଚ୍ଚ ନାହିଁ - ବରଂ ସେଇ ବାଟଖର୍ଚ୍ଚକୁ ବଟିଖର୍ଚ୍ଚରେ ପରିଣତ କରି ଏସିଆର ବିଭିନ୍ନ ରାଷ୍ଟ୍ରର ଶାସନ, ପ୍ରଶାସନ, ଦୁଃଶାସନ ଚରିତ୍ରମାନଙ୍କୁ କରାୟତ କରୁଛି। ଆମେରିକା ଦ୍ୱାରା ଆରମ୍ଭ ହୋଇସାରିଥିବା ଅର୍ଥନୈତିକ ଆତଙ୍କବାଦ ଏହି ମାରାତ୍ମକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାରେ କେତେଦୂର ସଫଳ ହୋଇପାରିଛି, ତାହାକୁ ଏବେ ଏସିଆର ଅନୁଚିନ୍ତକବର୍ଗ ଗୁରୁତ୍ୱ ଦେଇ ଅନୁମାନ କରିବାର ସମୟ ଆସି ପହଞ୍ଚିଯାଇଛି। ଆଉ କାଳ କ୍ଷେପଣ କଲେ ନେଡ଼ିଗୁଡ଼ବୋହିଯିବ କହୁଣିକି। ଏହାର ସପ୍ରସଙ୍ଗ ସରଳାର୍ଥ ହେଉଛି - ଏସିଆ ଏକ ଭାବଭୂମି, ମହର୍ଷିର ମହାଦେଶ। ଏହାର ପ୍ରାଚୀନତମ ପ୍ରବାହରେ ଅଛି ମହାମାନବିକ ମୂଲ୍ୟବୋଧର ମାନବଧର୍ମ। ଏହି ମାନବଧର୍ମର ମୂଳମଂତ୍ରହେଲା - ଧନ ନୁହେଁ, ଧ୍ୟାନ... ତଂତ୍ର ନୁହେଁ, ମଂତ୍ର... ସ୍ୱତ୍ୱ ନୁହେଁ, ସତ୍ୟ... ସଂହାର ନୁହେଁ, ସଂହତି... ବିସ୍ଥାପନ ନୁହେଁ, ସଂସ୍ଥାପନ! ଗତିରୁ ପ୍ରଗତି - ଚରୈବେତି ଚରୈବେତି ! ଏହି ମାନବଧର୍ମର ବିବର୍ତ୍ତିତ ବିଶ୍ୱଧର୍ମ ହେଉଛି ବୌଦ୍ଧଧର୍ମ, ଯାହାର ମହାପ୍ରବକ୍ତା ଗୌତମ ବୁଦ୍ଧଙ୍କୁ କୁହାଯାଏ 'ଏସିଆର ଆଲୋକ'। ବୌଦ୍ଧଧର୍ମର ବାଲ୍ୟଲୀଳା ଭାରତବର୍ଷରେ - ଚୈତନ୍ୟପ୍ରାପ୍ତି ଚୀନ୍‌ରେ - ମାତ୍ର ଅମରତ୍ୱଲାଭ ଜାପାନ୍‌ଦେଶରେ। ହିଂସା, ଆତଙ୍କବାଦ, ଯୁଦ୍ଧ ଓ ଅମାନୁଷିକତାର ଉପସଂହାରରେ ଯଦି ପ୍ରକୃତରେ କୌଣସି ପ୍ରାଚୀନଧର୍ମ ମଣିଷର ମର୍ଯ୍ୟାଦା ପ୍ରତି ଅଂଗୀକାରବଦ୍ଧ, ତା'ହେଲେ ଏହି ବୌଦ୍ଧଧର୍ମ ହିଁ ସେଇ ବୀଜମଂତ୍ରିତ ବିଶ୍ୱଧର୍ମ - ଯେଉଁ ଧର୍ମଧାରାରେ ମଣିଷ ହିଁ ଈଶ୍ୱର, ଜୀବ ହିଁ ଶିବ, କରୁଣା ହିଁ କିରଣ। ଏହି ବୌଦ୍ଧଧର୍ମ ହିଁ ସେଇ ବିଶ୍ୱୈକପ୍ରାଣ ବୀଜଧର୍ମ - ଯାହା ମଧ୍ୟମ ମାର୍ଗର ମଧୁସାଂତ୍ୱନାରେ ସାଧକଠୁ ସାଧବ ଓ ସାଧାରଣ ପର୍ଯ୍ୟନ୍ତ ସମୁଦାୟର ସମବାୟ ସିଦ୍ଧିକୁ ସ୍ୱୀକୃତି ପ୍ରଦାନ କରିଛି, ସଂସାରକୁ ଅସାର କହିନାହିଁ କଦାପି। ଏହାସେଇ ପ୍ରାକୃତ ପ୍ରଜାଧର୍ମ, ଯାହା ଇତିହାସର ରାଜକୀୟ ସ୍ପର୍ଦ୍ଧାକୁ ପରିଣତ କରିପାରିଛି ମାନବୀୟ ଶ୍ରଦ୍ଧାର ପରମ ପ୍ରଶାଂତିରେ।

ବୌଦ୍ଧଧର୍ମକୁ ଇତିହାସ ଚିହ୍ନଟ କରିଛି ଭାରତବର୍ଷର ପ୍ରସ୍ଥାନ ପର୍ବରେ। ମାତ୍ର ସମୟ ସୂଚାଇଦେଇଛି ଚୀନ୍ ଓ ଜାପାନରେ ତାର ସଂସ୍ଥାନ ଓ ସଂସ୍ଥାପନ। ସଂପ୍ରତି ଏହି ମାନବଧର୍ମ ଜାପାନ ଆନୁକୂଲ୍ୟରେ ଭାରତବର୍ଷରେ ପୁନରାୟ କେବଳ ଗୃହପ୍ରବେଶର ସ୍ୱପ୍ନଦେଖୁନାହିଁ, ଏହି ସ୍ୱପ୍ନର ବାସ୍ତବତାରେ ବରଂ ଚୀନ୍ ସହିତ ଭାରତର ସାମରିକ ବୈରତାର ବିଲୁପ୍ତି ଲାଗି ମଧ୍ୟ ସୁଯୋଗ ଓ ସଂଭାବନା ସୃଷ୍ଟି କରୁଛି। ଭାରତ-ଚୀନ୍-ଜାପାନ୍ ଯଦିକେବେ ନା କେବେ ପୁନର୍ଜାଗରଣର ମଂତ୍ରଶକ୍ତି ଦ୍ୱାରା ଏକତ୍ୱରେ ଉଦ୍‌ବୁଦ୍ଧ ହୋଇପାରିବେ, ତା'ହେଲେ ଏସିଆ ହୋଇଉଠିବ ଏକ ଅଦ୍ଭୁତ ଅପରାଜେୟ ମହାଶକ୍ତି। ଯାହା ସ୍ୱର୍ଗମର୍ତ୍ତ୍ୟପାତାଳକାମୀ ମାର୍କିନ୍ ଅପଶକ୍ତି ପାଇଁ ଅଦୂର ଭବିଷ୍ୟତରେ ହେବ ଗୋଟାଏ ଶକ୍ତଧକ୍କାର ଧମକ୍ ! ଆମେରିକାର ଅର୍ଥନୈତିକ ଆତଙ୍କବାଦ ଜନ୍ମ ନେଇଛି ଉପରୋକ୍ତ ମନସ୍ତାତ୍ତ୍ୱିକ ବିପନ୍ନତାବୋଧରୁ। ଏହି କାରଣରୁ ଏସିଆ, ଯାହାର ଉଇହୁଙ୍କାରୁ ଏକଦା ଉଚ୍ଚାରିତ ହୋଇଉଠିଥିଲା ମହର୍ଷିର ଓଁକାର, ଆଜି ଆମେରିକାର ମହାବିଳୟ ଯୋଜନାରେ ଏକ ଚିହ୍ନିତ କ୍ଷେତ୍ର।

ଏସିଆର ସମାଜ, ସଭ୍ୟତା ଓ ସଂସ୍କୃତି ବିଲୁପ୍ତ ହେଲେ ଭାବ ଉପରେ ସାବ୍ୟସ୍ତ ହେବ ବସ୍ତୁର ବିଜୟ - ଯାହା ଆତଙ୍କବାଦର ଅହିରାଜ ଆମେରିକାର ହିଁ ଦିଗ୍‌ବିଜୟ। ଏସିଆର କୃଷିକ୍ଷେତ୍ରର କବର ଉପରେ ନଗର ଗଢ଼ିବ ସୌଦାଗର। ଶଇତାନୀ ଶିଳ୍ପଶାଳାହେବ ମୁନାଫାର ମୁଖଶାଳା - କୃଷିଭିତ୍ତିକ ଗ୍ରାମସଂଗଠନର କଂକାଳ କେବଳ ସ୍ମାରକିତ କରୁଥିବ ଏକ ମୃତସଭ୍ୟତାର ସମାଧିଲିପି ! ପ୍ରଜ୍ଞା, ପ୍ରଶାନ୍ତି, ପ୍ରାଣଶକ୍ତି ପରିବର୍ତ୍ତେ ମାର୍କିନ୍ ମାର୍କେଟ୍‌ରୁ ମିଳୁଥିବ ଏସିଆର ଅସ୍ଥି, ଅଂଗାର, ଚିତାଭସ୍ମ ! ପୃଥିବୀକୁ ଆତ୍ମା, ହୃଦୟ ଓ ବିବେକର ବାର୍ତ୍ତାରେ ଉଦ୍ଦୀପିତ କରିବା ପାଇଁ ଏସିଆର ଐକ୍ୟ ଆଜି ସମୟର ଆହ୍ୱାନ। ଆମେରିକା ପ୍ରାୟୋଜିତ ଏହି ଗୂଢ଼ ଅଭିସନ୍ଧିସଂପନ୍ନ ଅର୍ଥନୈତିକ ଆତଙ୍କବାଦର କଡା ମୁକାବିଲା ନିହାତି ଜରୁରୀ।

ଆଜି ଭ୍ରଷ୍ଟ ଭାରତର ନଷ୍ଟନଥିରୁ ନିଶ୍ଚିହ୍ନ କରିଦେବାକୁ ପଡ଼ିବ ଆମେରିକାର ସ୍ପଷ୍ଟ ସ୍ୱାକ୍ଷର। ଚୀନ୍‌ର ଚିତ୍ରରୁ ଉଠାଇଦେବାକୁହେବ ମାର୍କିନ୍ ମାୟାଜାଲ। ଏସିଆର ମହାମଂଚରେ ଅଭିଷିକ୍ତ କରିବାକୁହେବ ବୌଦ୍ଧ ଜାପାନକୁ। ଜାପାନ୍‌କୁନେବାକୁ ପଡ଼ିବ ନିଷ୍କମ୍ପ ନେତୃତ୍ୱ - ଏସିଆକୁ ଆଉଥରେ ଉଇହୁଂକା ନକରିବାର ବଜ୍ରସଂକଳ୍ପରେ।

ବହୁ ଦିନରୁ ଆମ ସରକାରମାନେ କୃଷିରୁ ମୁହଁ ଫେରାଇ ଶିଳ୍ପ ସାମ୍ରାଜ୍ୟରେ ମସଗୁଲ ଥିଲେ। ଏବେ ଗାଁକୁ ଫେର। କୃଷି ହିଁ ଜୀବନ ବଂଚାଇବ। ଗାଁ, ମାଆ, ମାଟି, ମଣିଷ ସବୁ ଏକାଠି ହୁଅ। ପୁଂଜିପତିମାନେ କେବେ ବି ଗାଁ ମାଆ ମାଟି ମଣିଷକୁ ଅନାଇନାହାନ୍ତି। ସବୁବେଳେ ଗାଁରେ ରହୁଥିବା ମଣିଷ, କୃଷି ଉପରେ ନିର୍ଭର କରୁଥିବାଲୋକେ ଖାଦ୍ୟବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା ଦରକାର ମୁତାବକ ପାଉନାହାଁନ୍ତି। ଯେଉଁମାନେ ସାରା ବିଶ୍ୱବାସୀଙ୍କ ମୁହଁରେ ଖାଦ୍ୟଦେଉଛନ୍ତି, ସେମାନେ ଅର୍ଦ୍ଧାହାର ଅନାହାରରେ ଦିନଦିନ ବିତାଇ ଦେଉଛନ୍ତି। ଅଭାବ ଅସୁବିଧା ଦୁଃଖ କଷ୍ଟ ଏମାନଙ୍କର ଦେହସୁହା ହୋଇଯାଇଛି। ଏବେ 'ଭାବ'ଲୋକଙ୍କୁ ଦୁଃଖ ପଡ଼ିଛି। ସୁଧଖୋର ସାହୁକାର ପରି ସରକାର କୃଷକମାନଙ୍କୁ କେବଳ ଖାତକ କରି ଚାଲିଛନ୍ତି। ଏସିଆର ଚାଷୀ ଆତ୍ମହତ୍ୟା କରି ମରୁଚି, ରାଷ୍ଟ୍ର ଶାସକମାନେ ଶିଳ୍ପପତିମାନଙ୍କ ସହିତ ସାମିଲ୍‌ହୋଇ ମୁନାଫାର ମୀନାର୍ ଗଢୁଛନ୍ତି - ନିରନ୍ନ ଜନତାର ଅସ୍ଥିଗଦା ଉପରେ !

ଏ ମହାର୍ଘ ମହାଭିଯାନର ମହାନାୟକ ହେବ ଗଣଦେବତାର ସେଇ ଗରିବଗୋତ୍ର : କୃଷକ। ଯଦି ଏକ ସୁସ୍ଥ ସମାଜର କେନ୍ଦ୍ରବିନ୍ଦୁ କୃଷକର କୃତିକୁନେଇ ସୃଷ୍ଟି କରାଯାଏ, ତା'ହେଲେ ସଭ୍ୟତା ଓ ସଂସ୍କୃତି ସୁରକ୍ଷିତ ରହିବା ଦିଗରେ କୌଣସି ଶ୍ରେଣୀଶତ୍ରୁର ଶଇତାନି ସକ୍ରିୟ ହୋଇପାରିବନାହିଁ। କୃଷକମାନେ ମାଟିର ମଣିଷ କେବଳ ନୁହନ୍ତି, ସେମାନେ ସ୍ୱାଭାବିକ ଭାବରେ ଜନସମାଜର ଜାଗ୍ରତ ପ୍ରହରୀ। କୃଷକର ସାହସିକ ସାମର୍ଥ୍ୟକୁ ଗୁଣ୍ଡା ଡକାୟତ, ଗ୍ୟାଙ୍ଗଷ୍ଟର କି ମାଫିଆଚକ୍ର ସୁଦ୍ଧା ସାମ୍ନା କରିବାର ସ୍ପର୍ଦ୍ଧା କରିପାରନ୍ତି ନାହିଁ। ମାତ୍ର ଆଜି ରାଜନୈତିକ ରାହୁ, କେତୁ ଓ ଭସ୍ମାସୁରମାନେ ଶିଳ୍ପପତି ଓ ମାଫିଆଚକ୍ରର ମିଳିତ ଇଶାରାରେ ଜନସମାଜର ବିଶ୍ୱାସରେ ବିଷ ଦେବାକୁ ସୁଦ୍ଧା ପଛଉନାହାନ୍ତି। ଏସିଆ ମହାଦେଶର ଏଇ ଲୋଭୀ ରାଜନୈତିକ ଚକ୍ର ଓ ପ୍ରବର୍ତ୍ତକ ପ୍ରଶାସକ ବ୍ୟୂହ ଭିତରେ ଅସାଧୁ ଆମେରିକା ନିଜ ଅଧର୍ମବିତ୍ତକୁ କାମରେ ଲଗାଇସାରିଛି। ଶିଳ୍ପ ଗଢ଼ିଉଠୁଛି କୃଷିର କଂକାଳ ଉପରେ - ଗାଆଁ ହଜିଯାଉଛି ସହର ସୁଅରେ - ବ୍ୟଭିଚାର, ଭ୍ରଷ୍ଟାଚାର, ହତ୍ୟା, ଧର୍ଷଣ, ଅପରାଧର ମାତ୍ରା ବଢ଼ିଚାଲୁଛି ଦିନକୁ ଦିନ। ସାମାଜିକତା ଓ ବ୍ୟକ୍ତିକତା ଆଜି ବିପନ୍ନ। ପରିବେଶ ପ୍ରଦୂଷିତ - ଶିକ୍ଷାୟତନର ସଂକ୍ରମଣଶୀଳ ସଂକଟରେ। ଏବେ ସମୟ ଆସିଛି ଏସିଆର ସମାଜକୁ ବଞ୍ଚାଇବାକୁ ପଡ଼ିବ।

ଆତଙ୍କବାଦର ଜଘନ୍ୟ ଜନ୍ମଦାତା ଆମେରିକା ଏବେ ଆରମ୍ଭ କରିଦେଇଛି ଅଘୋଷିତ ତୃତୀୟ ବିଶ୍ୱଯୁଦ୍ଧ -ଯାହାର ମୁଖ୍ୟଆୟୁଧ ହେଉଛି ଅଚଳ ଅର୍ଥନୀତି। ଏହି ଅଚଳ ଅର୍ଥନୀତିର ଉଦ୍ଦେଶ୍ୟ ହେଉଛି ବିଶ୍ୱବଜାରକୁ ବିଶୃଂଖଳିତ କରାଇ ବିଭିନ୍ନ ରାଷ୍ଟ୍ରରେ ଏକପ୍ରକାର କୋକୁଆଭୟ ଉପୁଜାଇବା। ବର୍ତ୍ତମାନ 'ଅର୍ଥନୈତିକ ମାନ୍ଦାବସ୍ଥା'ର ଜୋର୍‌ସୋର୍ ପ୍ରଚାର ଚାଲିଛି ମିଡ଼ିଆ ମାଧ୍ୟମରେ। ଏହାହେଉଛି ପ୍ରକୃତରେ ଧୂର୍ତ୍ତ ଆମେରିକାର ଧୂଆଁବାଣ। ଏ ଧୂଆଁବାଣରେ ଏସିଆ ମହାଦେଶର ମାନଚିତ୍ର ଆଜି ପାଂଶୁଳ ଓ ପାଣ୍ଡୁର। ଏହା ଅର୍ଥନୈତିକ ଆତଙ୍କବାଦ - ଯାହା ମାର୍କିନ ମହାତଙ୍କର ପ୍ରଥମ ପର୍ଯ୍ୟାୟ। ଏଇବାଟେ ତୃତୀୟ ବିଶ୍ୱ ସମେତ ସମଗ୍ର ଏସିଆ ମହାଦେଶର ମେରୁଦଣ୍ଡକୁ ଭାଙ୍ଗି ଚୂରିଦେବାର ଚକ୍ରାନ୍ତ ପଛରେ କି ରହସ୍ୟ? ଏସିଆର ବିଭିନ୍ନ ରାଷ୍ଟ୍ରକୁ ନିଜ ନିଜ ମଧ୍ୟରେ ଯୁଦ୍ଧପ୍ରବୃତ୍ତ କରାଇ ସଭ୍ୟତା ଓ ସଂସ୍କୃତିର ସମାଧି ରଚନା କଲେ କି ମୁନାଫା ହାସଲ କରିବ ଇଗଲ ଆମେରିକା?

ଏବେ ଏ ମହାସଂକଟରୁ ବର୍ତ୍ତିବାକୁ ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପାଉଁଶଗଦା ତଳୁ ପୁଣି ଜୀବନ୍ୟାସ ପାଇଥିବା ଜାପାନ୍ ଏବଂ ଚୀନ୍, ଭାରତକୁ ନେବାକୁ ପଡିବ ନେତୃତ୍ୱ।

ପ୍ରଦୀପ୍ତ କୁମାର ମିଶ୍ର
ଅରେଇ, ଯାଜପୁର
ମୋ- ୯୬୫୮୬୧୪୭୨୮

# ଅସତ୍ୟର ଆଧୁନିକ ରୂପ

ପୂର୍ବରୁ କଥାସବୁ ଗାଧୁଆ ତୁଠରୁ ଏକାନ ସେକାନ ହୋଇ ସାରା ରାଜ୍ୟରେ ବ୍ୟାପୀ ଯାଉଥିଲା।ଏହି କ୍ରମରେ ଖରାପ କଥାର ଗତିଶୀଳତା ଅଧିକ ହୋଇଯାଏ। ଲୋକେ କହନ୍ତି କଥାର ପକ୍ଷଅଛି। ସେ ବହୁତ କ୍ଷିପ୍ର ଗତିରେ ଉଡିପାରେ,ଉଡ଼ିଉଡି କାନପାଖରେ ପହଂଚି ପୁଣି ମୁହଁ ବାଟେ ନିଷ୍କାସିତ ହୁଏ। ବେଳେବେଳେ ମୁହଁ ବାଟେ ବଡ଼ ଆକାରର ଏମିତି ବି ଅଗ୍ନିପକ୍ଷୀ ହୋଇ ବାହାରିଯାଏ ଯିଏ ସାରା ଦୁନିଆରେ ନିଆଁ ଲଗେଇ ଦିଏ। କାନକୁହା କଥା ସାଧାରଣ କଥାଠାରୁ ବେଶ ଭୟଙ୍କର। ଫୁଟୁରୁ ଫୁଟୁରୁ ହେଉଥିବା ଲୋକଟା ବଡପାଟିରେ କଥା ହେଉଥିବା ଲୋକଠାରୁ ଯେ କେତେ ଭୟଙ୍କର ତାହା ଆମେ ବିଭିନ୍ନ ଉଦାହରଣ ଇତିହାସ ଓ ପୁରାଣରୁ ଜାଣିଛନ୍ତି।

ସବୁଦିନେ ଏପରି କଥାର ଦୌଡ଼ କ୍ଷିପ୍ର ଏକଥା ନିଶ୍ଚୟ, କିନ୍ତୁ ଏହା ଗ୍ରାମାଞ୍ଚଳରେ ଅଧିକ ବେଗଗାମୀ ବୋଲି ସମସ୍ତେ କହୁଥିବାବେଳେ ଏବେ ଏହା ସହରରେ ମଧ୍ୟ ତାର କାୟା ବିସ୍ତାର କରିଛି ଏହା ଆମ୍ଭେ କିଛି ଦିନ ତଳେ ଘଟିଥିବା କିଛି ଘଟଣାରୁ ସହଜରେ ଅନୁଭବ କରିପାରିବା।ଏବେ କିନ୍ତୁ ଗାଧୁଆ ତୁଠ ନାହିଁ ତାପରିବର୍ତ୍ତେ ଏହା ପ୍ରଦ୍ୟୋଗ ବିଦ୍ୟାକୁ ଆବୋରି ନେଇଛି ଏହା ସ୍ପଷ୍ଟ। ପ୍ରଥମେ କଥାଟି ଗୋଟିଏ ଛୋଟ ପକ୍ଷୀ ସାବକପରି ହୋଇଥାଏ ପରେ କାନ କାନକୁ ସଂକ୍ରମିତ ହୋଇ ଏହା ଝଡର ଇଗଲ ପାଲଟିଯାଏ।ରାମାୟଣ ରେ ରାମ ଓ ସୀତାଙ୍କୁ ନେଇ କଥାକୁ ଚୁଗୁଲି କରି ଧୋବା ଦମ୍ପତିଙ୍କର ଗାଳିରେ ଏହା ଛଦ୍ମବେଶି ରାମଚନ୍ଦ୍ରଙ୍କ ନିକଟରେ ପହଂଚିଥିଲା।ଯାହା ରାମଚନ୍ଦ୍ର ଙ୍କୁ ତାଙ୍କ ପ୍ରଜାଙ୍କ ବଚନରେ ପ୍ରବଳ ଦୁଃଖ ହେଲା।ସେ ତାହାପରେ ଏହା ଉପରେ ବିଚାର ବିମର୍ଶ କରି ମନେ ମନେ ନିଜର ବ୍ୟକ୍ତିଗତ ଜୀବନର ସୁଖକୁ ଜଳାଞ୍ଜଳି ଦେଇଥିଲେ।ମାତାଙ୍କୁ ଏହାପରେ ସେ ନିର୍ବାସିତା କରିଥିଲେ ଯେଉଁ କଥାକୁ ମାତା ହସି ହସି ବରଣ କରିନେଇଥିଲେ।ଏହା ରାମାୟଣ ଯୁଗରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ସାମାଜିକ ସ୍ତରରେ ପରିବ୍ୟାପ୍ତ।

ଏମିତି ଏକକଥା ଆମେ ସ୍ପଷ୍ଟ ଯନ୍ତ୍ରଣା ରେ ଅତିବାହିତ କରିଥିବା କଥା ଆମ ମନକୁ ଆସେ ଅବଶ୍ୟ ଏହା ଏହି କଥାବସ୍ତୁର ଗୋଟିଏ ଛୋଟ ଉଦାହରଣ ହୋଇପାରେ କିନ୍ତୁ ଏହା ଯେ କେତେକ ବ୍ୟକ୍ତିଙ୍କୁ ସାରାଜୀବନ ଦୁଃଖ ଦେଇଥିବ ତାହା ଅନୁମାନ ସାପେକ୍ଷ।ଜନୈକ ଭଦ୍ର ବ୍ୟକ୍ତିଙ୍କ ର ଗୋଟିଏ ସୁନ୍ଦର ଶିକ୍ଷିତ କନ୍ୟା ଥିଲା।ପାଠ ଶାଠ ଓ ଅନ୍ୟ ସବୁଥିରେ ନିପୁଣା ଝିଅଟି ବିବାହ ଯୋଗ୍ୟ ହେଲା। ସେହି ଗ୍ରାମର ଜଣେ ଅସାମାଜିକ ଯୁବକ ସେ ଝିଅକୁ ବାଟରେ ଘାଟରେ ବିଭିନ୍ନ ଉକ୍ତି କହିବା ଆରମ୍ଭ କରିଦେଲା।ଏକଥା ଝିଅଟି ସହ୍ୟ କରିଯାଏ।ଏମିତି ଦିନେ ଝିଅଟି ତାକୁ ଭଲପାଏ ଓ ତାସହ ପଳାଇଥିଲା ବୋଲି ପ୍ରଚାର କରାଇଦେଲା ତାର ଅସାମାଜିକ ସାଥୀମାନଙ୍କ ଦ୍ୱାରା,ସମୟ କ୍ରମେ କଥାଟି ଅନେକ କାନହୋଇ ସାରା ଗ୍ରାମ ସହରକୁ କ୍ଷେପି ଗଲା।ସମସ୍ତେ ମିଛସତ ଯୋଡ଼ାଯୋଡି ହୋଇ କଥାହେଲେ।ଯିଏ କେବେ ଝିଅକୁ ଦେଖିନଥିଲେବି ସେମାନେ ଦୁଇଜଣ ବାରମ୍ବାର ମିଶୁଥିବାର ମିଛ ଗଳ୍ପ କହି କଥାର ଆନନ୍ଦ ନେଲେ ।ଏକଥାରେ ଝିଅର ବାପା ଓ ପରିବାର ବହୁ ମାନସିକ ଯନ୍ତ୍ରଣା ପାଇଲେ ଓ ଏମିତି ଏକ ପରିସ୍ଥିତି ରେ ଝିଅଟି ସେହି ପୁଅ ସହ ବାହାହେବାର ନିଷ୍ପତ୍ତି ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା।ଅଚାନକ ଏକ ମିଛ ବାର୍ତ୍ତା ଝିଅର ଜୀବନରେ ଝଡ଼ ଆଣିଲା।ଏପରି ଅନେକ ଘଟଣା ଏହି ହୋ ଦ୍ୱାରା ବ୍ୟାପୀ ଅନେକ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ମଧ୍ୟ ଚିନ୍ତାରେ ପକାଇଦିଏ।

ହୋର ମାହାତ୍ମ୍ୟ ବହୁତ ଏହା ସ୍ପଷ୍ଟ କିନ୍ତୁ ଏବେ ଏହା କାନ ବ୍ୟତୀତ ଆଖି ଓ ଆଙ୍ଗୁଳି କୁ ପଦୋନ୍ନତି ହୋଇଛି।ସାମାଜିକ ଗଣମାଧ୍ୟମ ଏବେ ଏହି ତୁଠ କାନକୁହା ଭୂମିକା ଗ୍ରହଣ କରିଛି।ସମାଜରେ ବିରାଟ ବର୍ଗର ଲୋକେ ତୁନି ରହିବା ଶ୍ରେୟସ୍କର ମନେକରିଥିବାରୁ ଏହାର ପ୍ରସାର ଏତେ କ୍ଷିପ୍ର ଯେ ଭାବିବା କେମିତି ଲାଗେ। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ହଠାତ ହେଉଥିବା ଧର୍ମ ଓ ଜାତିଭିତ୍ତିକ ଦଙ୍ଗା କେବଳ ସାମାଜିକ ଗଣମାଧ୍ୟମ ଦ୍ୱାରା ବ୍ୟାପୀ ଯାଏ ତାହା ଆମେ ଗତ ରାମନବମିରୁ ଅନୁଭବ କରିଥିବା।ବିଶେଷ କରି ହ୍ୱାଟ୍ସଆପ ଓ ଫେସବୁକର ପ୍ରଭାବରେ ଅଯଥା କଥାର ପ୍ରସାର କ୍ଷିପ୍ର ଗତିରେ ଯାଇ ଲୋକଙ୍କୁ ଭଡକାଇବାରେ ଯଥେଷ୍ଟ ସହାୟକ ହେଉଛି ।ବିଭିନ୍ନ ଅନ୍ଧବିଶ୍ୱାସ ମିଛଧର୍ମବିଶ୍ୱାସ ଏଥିପାଇଁ ବହୁଳ ଭାବରେ ପ୍ରଚାର କରିବାର ଭୂମିକା ଏହି ମାଧ୍ୟମର କଥାରେ ଅଛି ମାଙ୍କଡ଼ ହାତରେ ଶାଳଗ୍ରାମ ଯାହା ବର୍ତ୍ତମାନ ଏହାର ଅବସ୍ଥା ସେହିପରି। କୌଣସି ଲୋକଙ୍କୁ ବଦନାମ କରିବା କୌଣସି ସଂସ୍ଥାକୁ ରାତାରାତି ନିମ୍ନଗାମୀ କରାଇବାରେ ଏହାର ଭୂମିକା ଗୋଟିଏ ଗୋଟିଏ ହୋ ମାତ୍ର। ଏହାଦ୍ୱାରା କେତେ ଲୋକ ଛାତ୍ରଛାତ୍ରୀ ମାନସିକ ସ୍ତରରେ ଅଶାନ୍ତି ଗ୍ରସ୍ତ ଓ ଚାପଗ୍ରସ୍ତ ହେଉଛନ୍ତି ତାହା ଭାବିବାର ସମୟ ଆସିଛି।ଘୃଣାର ଖବରକୁ ବିସ୍ତାର ଭାବରେ ବର୍ଣ୍ଣନା କରି ଆମେ ନାଚାର ଭାବରେ ହୋ ରେ ପ୍ରପୀଡ଼ିତ ହୋଇପଡିଛନ୍ତି।

କାହାକୁ ସମାଜସେବୀ କାହାକୁ ମହାଜ୍ଞାନୀ ଭାବରେ ଚିତ୍ରଣ କରି ସାମାଜିକ ପ୍ରଦ୍ୟୁଷଣ କୁ ଗୁରୁତ୍ୱ ଦେଇଛନ୍ତି ଏହା ନିଶ୍ଚିତ।ମିଛର ପ୍ରସାର କରି କିପରି କିଛି ରାଜନୀତି କରି ଦେଶର ସାଧାରଣ ଜନତାଙ୍କୁ ବିଚଳିତ କରୁଛନ୍ତି ତାହା ଆମେ ଜାଣୁ।କାଶ୍ମୀର ପ୍ରଭୃତି ସ୍ଥାନରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଭାରତ ବିରୋଧୀ ତତ୍ତ୍ୱ ପ୍ରସାର କରାଯାଇ ପାକିସ୍ତାନର ଉଗ୍ରବାଦକୁ ବଢ଼ାଉଥିଲା ଆମେ ପୋଲିସ ପ୍ରତି ପଥର ଫିଙ୍ଗାରୁ ସହଜରେ ଜାଣି ପାରିଥିଲେ।ପ୍ରଶାସନ ର ଦୃଢ଼ ପଦକ୍ଷେପ ଦ୍ୱାରା ଏସବୁର ଗୁରୁତ୍ୱ ଏବେ ହ୍ରାସ ହୋଇ ସେଠାରେ ଶାନ୍ତି ପରିଲକ୍ଷିତ ହୋଇଛି।ଅପର ପକ୍ଷରେ ପଞ୍ଜାବ ରେ ଅଲଗାବାଦୀ ମାନେ ଏହି ହୋ ର ଅପପ୍ରଚାର କରି ପୋଲିସ ଉପରେ ଆକ୍ରମଣ କରି ବିରାଟ ଶୋଭାଯାତ୍ରା କରିଥିଲେ । ବର୍ତ୍ତମାନ ସେ ହିଁ ପଳାତକ।

ସତ କହିବାକୁ ଗଲେ ହୋ ଦ୍ୱାରା ଅନେକ ଲୋକ ମାନସିକ ଯନ୍ତ୍ରଣା ପାଇଥାନ୍ତି।କିଛିଲୋକ ବ୍ୟକ୍ତିଗତ ଭାବରେ ଆଘାତ ପାଇ ଆତ୍ମହତ୍ୟା ପର୍ଯ୍ୟନ୍ତ କଥା ବି ଯାଏ।ଯାହାର ସତ୍ୟତା ନିରୂପିତ ହୋଇନଥାଏ ତାହାକୁ ସହଜରେ ସମସ୍ତେ ବିଶ୍ୱାସ କରିଯାଆନ୍ତି।ପୂର୍ବରୁ ଏହାକୁ ନେଇ ଢଗଟିଏ କୁହାଯାଏ ,'ଏଠି କୁଆ ଉଡିଗଲେ ଛୁଆ ଉଡିଯିବା ପର୍ଯ୍ୟନ୍ତ କଥା ଯାଏ' ।କଥାରେ କହନ୍ତି ମିଛର ସହସ୍ର ଗୋଡ। ସତ ଘୋଡାର ବଳ ହେଲେ ସତ ଗୋଟିଏ ଛୋଟା ମାତ୍ର।ଏସବୁ ଏ ପ୍ରଯୁକ୍ତି ଯୁଗରେ ବି କିଛି କମ ନୁହେଁ ଏକଥା କରୋନା ମହାମାରୀ ବେଳେ ଅବଶ୍ୟ ଅନୁଭବ କରିଛନ୍ତି।

ତେବେ ସବୁ ଯୁଗରେ ହୋ ର ଭୂମିକା ସାଧାରଣ ଜୀବନକୁ ଇତସ୍ତତ କରିଛି ଏହା ସତ୍ୟ। କିନ୍ତୁ ହୋର ପ୍ରସାରକୁ ଯଦି କାଟିଦିଆଯାଏ ତେବେ ଏସବୁର ଅବଶ୍ୟ ଘଟଣା ଦୁର୍ଘଟଣା ର ରୂପ ନେବନାହିଁ ଏହା ଦୃଢ଼ନିଶ୍ଚିତ।ସାମାଜିକ ଗଣମାଧ୍ୟମ ରେ ପ୍ରଚାରିତ ହେଉଥିବା ସମ୍ବେଦନଶୀଳ ସମ୍ବାଦକୁ ପ୍ରୋତ୍ସାହନ ଦିଆନଯାଇ ଏହାର ମୂଳକୁ ଯଦି ଧରାଯାଏ ଅସାମାଜିକ ତତ୍ତ୍ୱଙ୍କୁ ଏସବୁ କରିବାର ନିବୃତ୍ତି ଅବଶ୍ୟ ମିଳିପାରେ।ଏକ ସୁସ୍ଥ ସମାଜ ଏକ ସ୍ୱତନ୍ତ୍ର ଦେଶ ପାଇଁ ନକରାତ୍ମକ କଥାର ପ୍ରଚାରକରି ଧନଜୀବନ ନଷ୍ଟ କରିବାର ଅଧିକାର କାହାର ନାହିଁ ଏକଥାକୁ ଆମକୁ ସ୍ୱୀକାର ଅବଶ୍ୟ କରିବାକୁ ହେବ।

ଅତଏବ ହୋ ଏହି ଶିକ୍ଷିତ ସମାଜ ପାଇଁ ଏକ ଅଭିଶାପ ଏହା ସ୍ୱୀକାର କରି ଆମକୁ ଆଗକୁ ବଢ଼ିବା ଆବଶ୍ୟକ ।କିନ୍ତୁ ସବୁଠାରୁ ବଡ଼ ଦୁଃଖ ଯେ ଏହି ଶତାବ୍ଦୀରେ ଆମେ ହୋ ର ଦୁନିଆ ରେ ବଞ୍ଚିଛନ୍ତି।ରାତି ଭଲଥିଲା ବେଳେ ହୋ ର ପ୍ରଭାବରେ ସକାଳ ପ୍ରତ୍ୟେକଙ୍କ ମନକୁ ବିଦୀର୍ଣ୍ଣ କରିଦେଉଛି। ହୋର ପ୍ରଭାବରେ ଅନେକ ମାନସିକତା ଭାଙ୍ଗିରୁଜି ସୁନ୍ଦର ସଂରଚନା କୁ ବିରାଟ ପ୍ରଭାବିତ କରିଚାଲିଛି ଏକଥା ନିସନ୍ଦେହ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଗୁରୁକୁଳର ଶିକ୍ଷା



ପ୍ରତ୍ୟୁଷ କୁମାର ସା



ଆଗରୁ ତ' ସ୍କୁଲ ନଥିଲା। ପିଲାମାନେ ପଢ଼ିବା ପାଇଁ ଗୁରୁକୁଳ ଯାଉଥିଲେ। ବହୁ ବର୍ଷ ତଳେ ଏମିତି ଏକ ଗୁରୁକୁଳ ଥିଲା। ଯାହାର ନାଁ ଥିଲା-ନାଳନ୍ଦା। ନାଳନ୍ଦା ଗୁରୁକୁଳକୁ ସବୁ ବର୍ଗର ପିଲା ଆସୁଥିଲେ। ରାଜା, ଚାଷୀ, ବଣିକ, ଶ୍ରମିକ ଏମିତି ଅନେକ। କୌଣସି ଘରର ପିଲାଙ୍କ ଭିତରେ ଭେଦଭାବ ନଥିଲା। ହେଲେ ରାଜ ପରିବାରରୁ ଆସିଥିବାରୁ କୁନି ରାଜକୁମାରଙ୍କ ମନରେ ଟିକେ ଗର୍ବ ଥିଲା। ଅନ୍ୟ ପିଲାଙ୍କ ପ୍ରତି ଯୁବରାଜଙ୍କ ଆଚରଣ କଠୋର ରହୁଥିଲା। ଏମିତି କି ସେବା କରିବା ପାଇଁ କହୁଥିଲେ।। ରାଜ ସନ୍ତାନ ହୋଇଥିବାରୁ ଯୁବରାଜଙ୍କ ବିରୁଦ୍ଧରେ ମୁହଁ ଖୋଲିବାକୁ କାହାରି ସାହସ ହେଉନଥିଲା।

ସବୁ ଦିନ ସମାନ ଯାଏନି। ଯୁବରାଜଙ୍କ ସବୁ କଥା ଆଚାର୍ଯ୍ୟଙ୍କ କାନକୁ ଗଲା। ଗୁରୁକୁଳରୁ ସମସ୍ତ ଛାତ୍ରଙ୍କୁ ଯେମିତି ଶିଷ୍ୟ କୁହାଯାଉଥିଲା ଗୁରୁକୁଳ ମୁଖ୍ୟଙ୍କୁ ଆଚାର୍ଯ୍ୟ କୁହାଯାଉଥିଲା। ପଣ୍ଡିତ ରାମଶଙ୍କର ଥିଲେ ନାଳନ୍ଦା ଗୁରୁକୁଳର ଆଚାର୍ଯ୍ୟ। ଅତ୍ୟନ୍ତ ସରଳ ଓ ଶିଷ୍ୟବତ୍ସଳ । ଶିଷ୍ୟଙ୍କୁ ଶାସ୍ତି ଦେବାରେ ସେ ବିଶ୍ୱାସ କରୁନଥିଲେ। ଶାସ୍ତି ଅପେକ୍ଷା ଉଚିତ୍ ଶିକ୍ଷା ପରିବର୍ତ୍ତନ ଆଣିପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ତେବେ ଯୁବରାଜଙ୍କ ଆଚରଣ ତାଙ୍କୁ ବିବ୍ରତ କରୁଥିଲା । କାରଣ ଏମିତି ଅନେକ ଯୁବରାଜ ଆସି, ଗୁରୁକୁଳରେ ଶିକ୍ଷା ଗ୍ରହଣ କରିଛନ୍ତି । କିନ୍ତୁ ବିଶୃଙ୍ଖଳା ଆଚରଣ କେହି କରିନାହାନ୍ତି । ଯୁବରାଜଙ୍କୁ ଠିକ୍ ମାର୍ଗରେ ଆଣିବା ପାଇଁ ଆଚାର୍ଯ୍ୟ ନିଷ୍ପତି ନେଲେ।

ଠିକ୍ ପରଦିନ ପ୍ରାର୍ଥନା ପରେ ସମସ୍ତ ଶିଷ୍ୟଙ୍କୁ ସଭାଗୃହରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେଲେ । ଶିଷ୍ୟମାନେ ପରସ୍ପର କୁହାକୁହି ହେଲେ, ଏଥର ଯୁବରାଜ ପାନେ ପାଇବେ । ଯୁବରାଜ ମଧ୍ୟ ଶଙ୍କାରେ ରହିଲେ ଆଚାର୍ଯ୍ୟ ମହାଶୟ ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେବେ। ସମସ୍ତ ଶିଷ୍ୟ ସଭାଗୃହରେ ରୁଣ୍ଡ ହେବାପରେ ଆଚାର୍ଯ୍ୟ ରାମଶଙ୍କର ଉପସ୍ଥିତ ହେଲେ। ଆଚାର୍ଯ୍ୟ କହିଲେ ରାମାୟଣର ଏକ ମର୍ମ ସମ୍ପର୍କରେ ସମସ୍ତଙ୍କୁ ଡାକିଛି। ସମସ୍ତ ଶ୍ରେଣୀକୁ ଅଲଗା ଅଲଗା ବୁଝାଇବା ସମୟ ସାପେକ୍ଷ । ତେଣୁ ଏକତ୍ର ନିମନ୍ତ୍ରିତ କରିଛି ।

ରାମାୟଣର ଦୁଇଟି ଚରିତ୍ର ସମ୍ପର୍କରେ ତୁମେମାନେ ଅବଗତ ଥିବ। ରାକ୍ଷସ ରାଜା ରାବଣଙ୍କ ଭାଇ ବିଭୀଷଣ ଏବଂ ମହାରାଣୀ କୈକେୟୀଙ୍କ ବ୍ୟକ୍ତିଗତ ସେବିକା ମନ୍ଥରା । ରାବଣ ରାଜ୍ୟରେ ଥାଇ ବିଭୀଷଣ ନ୍ୟାୟ ଓ ସଦ୍‌ମାର୍ଗରେ ଥିଲେ । କିନ୍ତୁ ରାମ ରାଜ୍ୟରେ ଥାଇ ମନ୍ଥରା ଅନ୍ୟାୟ ଓ ଅସତ୍‌ମାର୍ଗରେ ଥିଲେ। ବିଭୀଷଣ ଓ ମନ୍ଥରା ଉଭୟ ରାଜ ମହଲରେ ରହୁଥିଲେ । ରାଜାଙ୍କ ଛତ୍ରଛାୟା ତଳେ ଥିଲେ। କିନ୍ତୁ ଉଭୟଙ୍କ ଭିତରେ ଏତିକି ଫରକ୍ ଥିଲା, ଜଣେ ନ୍ୟାୟ ସାଥିରେ ଥିଲେ ଆଉ ଜଣେ ନ୍ୟାୟ ସହ ନଥିଲେ। ଶିଷ୍ୟମାନେ ତୁମେ ସମସ୍ତେ ଗୁରୁକୁଳରେ ପାଠ ପଢୁଛ। ଆଚାର୍ଯ୍ୟ ଭାବେ ମୋର ତତ୍ତ୍ୱାବଧାନରେ ଅଛ। ଯିଏ ନ୍ୟାୟର ସହ ରହିବ, ତାର ଭାଗ୍ୟ ଓ ଭବିଷ୍ୟ ଉଜ୍ଜ୍ୱଳ ହେବ। ଆଉ ଅନ୍ୟାୟ ସହ ରହିଲେ କ'ଣ ହୁଏ, ବିଭୀଷଣ ଓ ମନ୍ଥରାଙ୍କ କାହାଣୀରୁ ଜାଣିସାରିଛ ।

ଏବେ ନିଷ୍ପତି ତୁମମାନଙ୍କର । କୌଣସି ଶିଷ୍ୟଙ୍କୁ ଅପମାନିତ ନକରି, କାହାରିକୁ ଶାସ୍ତି ନଦେଇ ଆଚାର୍ଯ୍ୟ ଦେଇଥିବା ବାର୍ତ୍ତାଟିକୁ ଯୁବରାଜ ଠିକ୍ ବୁଝିପାରିଲେ। ସେହିଦିନଠୁ ଯୁବରାଜ ଜଣେ ସାଧାରଣ ଶିଷ୍ୟ ବୋଲି ଗୁରୁକୁଳରେ ରହିଲେ।

*ଗ୍ୟାରେଜ୍ ଛକ, ଭୁବନେଶ୍ୱର*
*ମୋ- ୯୪୩୭୩୬୬୯୮୪*

# ଆସରେ ଜାଗର ଜାଳିବା



*ନିରଞ୍ଜନ ସାହୁ*

ଆସ ଆସ ଭାଇଭଉଣୀ ସକଳେ
ମହାଶିବରାତ୍ରି ପାଳିବା
ଶିବାଳୟ ଯିବା ଭକ୍ତିଭାବେ ଥିବା
ରାତିରେ ଜାଗର ଜାଳିବା
ଫଗୁଣ ଶୁକଳ ଚତୁର୍ଦ୍ଦଶୀ ତିଥି
ମହାଶିବରାତ୍ରି ପଡଇ
ରାତି ଉଜାଗର ଜାଳିବ ଜାଗର

ଭକତ ତହିଁକି ଗଡଇ
ନିଷ୍ଠା ସହକାରେ ଆନନ୍ଦ ମନରେ
ଜାଗର ପାଳନ ହୁଅଇ
ଏଥିପାଇଁ ନାନା ଦରବକୁ କିଣି
ଭକତ ଆନନ୍ଦେ ଥୁଅଇ
ପବିତ୍ର ମନରେ ମନ୍ଦିର ବେଢାରେ
ଭକତ ଗହଳି ଲାଗଇ

ହର ହର ମହାଦେବ ଉଚ୍ଚାରଣେ
ଭକତି ଭାବଟି ଜାଗଇ
ରୁଦ୍ର ଅଭିଷେକ କରାଯିବା ସହ
ସ୍ୱତନ୍ତ୍ର ପୂଜାର ବ୍ୟବସ୍ଥା
ଶିବଙ୍କ ତାଣ୍ଡବ ଗାନ ନୃତ୍ୟ କରି
କି କହିବି ଭକ୍ତ ଅବସ୍ଥା
ଦୀପ ଆଲୋକରେ ମନ୍ଦିର ଝଲସେ
ଦୀପାବଳି ପରି ଦିଶିବ
ମହାଦୀପ ଯେବେ ମନ୍ଦିରେ ଉଠିବ
ସଭିଙ୍କର ଆଖି ମିଶିବ
ସଂକୀର୍ତ୍ତନ, ହରିବୋଲ, ହୁଳହୁଳି
ହର ହର ଧ୍ୱନି ଶୁଣିବ
ଭଜନ, ଜଣାଣ, ଭକ୍ତି ନିବେଦନ
ଶିବ ନାମ ମନେ ଗୁଣିବ
ଦୋକାନ ବଜାର ପଡ଼ିଥିବ ତହିଁ
ବୁଲାବୁଲି କରି ଦେଖିବା
ଜାଗର ଯାତରା କେମିତି ପାଳିଛେ
ସାଙ୍ଗଙ୍କୁ ପତର ଲେଖିବା
ମଙ୍ଗଳମୟ ଅଟନ୍ତି ଶଙ୍କର
ଅକର୍ମାକୁ କର୍ମଦାୟକ
ଏହି ସଂସାରରେ ହର୍ତ୍ତାକର୍ତ୍ତା ଶିବ
ଏ ସୃଷ୍ଟିର ମୁଖ୍ୟନାୟକ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*



# ଜାଗର

*ସୁହଂସ ଭୋଇ*

ଗଳାରେ ଗରଳ ଶ୍ରୀହସ୍ତେ ତ୍ରିଶୂଳ
ଶିରେ ଘର୍ଘରୀ ନିର୍ଝର
କପାଳେ କଳାପ ବକ୍ଷରେ ରୁଦ୍ରାକ୍ଷ
ବିଜେ ଦେଉଳେ ଶଙ୍କର

ସୁବାସ ଚନ୍ଦନ ମନ୍ଦାର ସୁମନ
ପୂଜିବା ଜାଳି ଜାଗର

ଏକାଠି ହୋଇବା ସମସ୍ତେ
ମନକୁ କରି ନିର୍ମଳ
ରହି ଉପବାସ ସଞ୍ଜରୁ ସକାଳ
ଡାକିବା ହୋଇ ଆକୁଳ

ଅରଖ ଦୁଦୁରା ତ୍ରିପତ୍ର ସମର୍ପି
ଜଳେ ଧୋଇବା ପଥର

ମୁଖେ ପଞ୍ଚାକ୍ଷରି ମନରେ ଭକତି
ଧ୍ୟାନରେ ଥିବେ ଈଶ୍ୱର
ପ୍ରଦୀପ ମୟୂଖ ଦେବ ସେ ଆଲୋକ
ତିମିର ହେବ ଅନ୍ତର

ଭକତିରେ ତୋଷ ହୋଇଣ ମହେଶ
ଢାଳିବେ ଶୁଭ ଆଶିଷ
ପୂଜନେ ସକଳେ ପୁଣ୍ୟ ଅରଜିବା
କଳୁଷ ହେବ ବିନାଶ ।

*ପହଣ୍ଡି, ବରଗଡ଼*
*ମୋ- ୯୪୩୭୫୨୨୪୫୫*

# ଚାଲ ସାଙ୍ଗ ମନ୍ଦିର ଯିବା

*ସୁନୀଲ କୁମାର ପ୍ରଧାନ*



ଚାଲ ସାଙ୍ଗ ମନ୍ଦିର ଯିବା
ମନ୍ଦିର ଯାଇ ଦୀପ ଜାଳିବା
ପ୍ରଭୁଙ୍କୁ ପ୍ରଣାମ ହେବା

ଚାଲ ସାଙ୍ଗ ମନ୍ଦିର ଯିବା
ପ୍ରଭୁଙ୍କ ଘଣ୍ଟି ବଜାଇ ଦେବା
ଶରଣ ଯାଇ ପଶିବା



ଚାଲ ସାଙ୍ଗ ମନ୍ଦିର ଯିବା
ଦୁଃଖକୁ ହାରି ସୁଖ ମାଗିବା
ବିନୟ ପ୍ରାର୍ଥନା ହେବା

ଚାଲ ସାଙ୍ଗ ମନ୍ଦିର ଯିବା
ଦୁଃଖୀ ରଙ୍କୀଙ୍କ ସେବା କରିବା
ପ୍ରଭୁଙ୍କୁ ବର ମାଗିବା

ଚାଲ ସାଙ୍ଗ ମନ୍ଦିର ଯିବା
ସତ୍ୟ ବଚନ ସଦା କହିବା
ଏହି ସଂକଳ୍ପ ନେବା

ଚାଲ ସାଙ୍ଗ ମନ୍ଦିର ଯିବା
ବାପା ମା' ଗୁରୁ କଥା ମାନିବା
ଜୀବନେ ଆଗେଇ ଯିବା

ଚାଲ ସାଙ୍ଗ ମନ୍ଦିର ଯିବା
ନ୍ୟାୟ ଧରମ କଥା ଶୁଣିବା
ଜୀବନେ ସୁଖ ପାଇବା ।

*ଝାଟିପଦର , ପାଲୁର, ଗଂଜାମ*
*ମୋ- ୭୬୦୯୯୩୪୩୬୬*



# ମୁଁ ଗୋଟେ ବସ୍ତି ପିଲା

*ସୁରମା ମିଶ୍ର*

ବସ୍ତିରେ ଜନମି ବସ୍ତି ପିଲାଟେ ମୁଁ
ଏହି ମୋର ପରିଚୟ
ସଭିଏଁ ଦେଖନ୍ତି ଛୋଟ ନଜରରେ
ମଣୁଥାନ୍ତି ମୋତେ ହେୟ

ବାପା ତ ମୋହର ଦିନ ମଜୁରିଆ
ମାଆ ପର ଘରେ ଖଟେ
ଦିନ ରାତି ଦୁହେଁ ପରିଶ୍ରମ କରି
ଯୋଗାଡନ୍ତି ଦାନା ମୁଠେ

ମନ ଦେଇ ମୁହିଁ ପାଠ ପଢେ ବୋଲି
ଗୁରୁଜୀ ପାଆନ୍ତି ଭଲ
କହନ୍ତି ବାବୁରେ ଦିନେ ନା ଦିନେ ତୁ
ପାଇବୁ ତୋ ଶ୍ରମ ଫଳ

ବହି ଖଣ୍ଡେ କେବେ କିଣି ପାରେ ନାହିଁ
ପଢୁଥାଏ ମାଗି ମାଗି

ସେଥିପାଇଁ କେତେ ଲାଞ୍ଛନା ସହୁଛି
ବୁଝିବ ଯେ ଭୁକ୍ତଭୋଗି

କେତେ ଆଶା କଢ଼ି ଫୁଟି ମୋ ମନରେ
ଅକାଳେ ପଡ଼ଇ ଝଡି
ଆଶାର ସୌଧ ଗଢି ଉଠି ମନେ
ଆପେ ସେ ଯାଏ ଭୁଶୁଡ଼ି

ଯେତେ ଭଲ ପାଠ ପଢିଲେ ଲେଖିଲେ
କଲେ ଯେତେ ଭଲ କାମ
ମୋ ଦେହରୁ କେବେ ଲିଭି ପାରୁନାହିଁ
ବସ୍ତି ପିଲାଟାର ଚିହ୍ନ

ତଥାପି କେବେ ମୁଁ ଭାଙ୍ଗି ପଡ଼ିବିନି
ରହିବି ସଦା ଅଟଳ
ଦୁନିଆକୁ ଦିନେ ଦେଖାଇ ଦେବିରେ
ବସ୍ତି ପିଲା ମନୋବଳ ।

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*





# ବସନ୍ତ ଆସିଲେ

*ଧ୍ରୁବ ଚରଣ ବେହେରା*

ବସନ୍ତ ଆସିଲେ ଫଗୁଣ ହସେ
କୋଇଲି ଗାଏ ଗୀତ
ସବୁଜ ରଙ୍ଗେ ଧରଣୀ ରାଣୀ
ସାଜେ ସିଭିଙ୍କ ମିତ

ବଉଳ ବାସେ ଆମ୍ବ ଡାଳରେ
ପଳାଶେ ଶୋଭା ଛଇ
ପ୍ରଜାପତିଟି ଉଡେ ଆକାଶେ
ଝାଡି ତା' ଡେଣା ଦୁଇ

ନାନା ଜାତିର ଫୁଲ ବନରେ
ଭ୍ରମର ବଜାଏ ବୀଣା
ପାଚଇ ଆମ୍ବ, କୋଳି, ପଣସ
ମିଠା ତ ବେଲ ପଣା

ଅଜା ଓ ଆଇ ଖଟିଆ ନେଇ
ଗଛ ତଳରେ ବସି
ଅଜା କହଇ ପୁରୁଣା କଥା
ଆଇ ଦିଅଇ ହସି

ଦକ୍ଷିଣା ବାଆ ଲାଗଇ ଆହା
ସୁଲୁ ସୁଲିଆ ଧୀର
ଋତୁ ମଧରେ ନିଆରା ଅତି
ବସନ୍ତ ଋତୁ ସାର

ଶୀତ ଫେରିଲେ ଧରଣୀ ଉପରୁ
ବସନ୍ତ ଛୁଇଁ ଆସେ
ସରଗ ସମ ଲାଗଇ ଧରା
ପ୍ରୀତିରେ ମନ ଭାସେ ।

*ଭାରତୀୟ ସାମରିକ ସେବା, ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା*
*ମୋ-୮୩୨୮୯୩୦୫୫୪*

# ଦେଖ ଋତୁରାଜ ବସନ୍ତ ଆସିଛି

*ପ୍ରଫୁଲ୍ଲ କୁମାର ସାହୁ*

ଦେଖ ଋତୁରାଜ ବସନ୍ତ ଆସିଛି
ଦକ୍ଷିଣରୁ ଧିର ମଳୟ ବହୁଛି
ଏ ଧରା ହସୁଛି ଦେଖ,
ବରଷକେ ଥରେ ରଙ୍ଗ ଖେଳ ପାଇଁ
ଚାହିଁ ରହିଛନ୍ତି ଲୋକ । ୧

ଆମ୍ବ ବଉଳର ବାସ ଆସେ ଭାସି
ସଭିଙ୍କ ମନରେ ଭରିଦିଏ ଖୁସି
ଶୀତ ଯାଇଅଛି ଫେରି,
ଆଗକୁ ଆସିବ ଖରା ଏ ଧରାକୁ
ଦେଖିଯିବା ନାହିଁ ଡରି । ୨

ଗଛର ପତର ଦେଖ ପଡେ ଝଡ଼ି
ମୁରୁକି ହସଇ ଗଛେ ଫୁଲ କଢି
କଅଁଳି ପତର ନୂଆ,
ବଢାଇ ଦେଉଛି ଗଛର ଶୋଭାକୁ
ଦେଇ ତା' ପ୍ରଥମ ଛୁଆଁ । ୩

ଜାଗର ଯାତରେ ଦୀପ ଦାନ ପାଇଁ
ଭକତ ସକଳ ରହିଛନ୍ତି ଚାହିଁ
ରହି ରାତି ଉଜାଗର,
ମନ୍ଦିର ବେଢାରେ ଦୀପ ସେ ଜଳାଇ
ପୂଜିବେ ଭୋଳା ଶଙ୍କର । ୪

ବିମାନରେ ବସି ଧୀରେ ଝୁଲି ଝୁଲି
ଭକତ ଦୁଆରେ ସାଥୀ ମେଳେ ବୁଲି
ସଖା ସଖୀ ସହ ମିଶି,
ଶ୍ରୀ ରାଧା ମାଧବ ଗାଆଁ ଗାଆଁ ବୁଲି
ବାଣ୍ଟିବେ ସଭିଙ୍କୁ ଖୁସି । ୫

*ଯଦୁ ମାଳତୀ କୃପା ନିବାସ, ଶକ୍ତି ବିହାର /ବାଲିପଡା,*
*ମାହାଙ୍ଗା, କଟକ - ୭୫୪୨୦୭*
*ମୋ-୭୬୦୯୦୪୪୩୮୩*



# ଆମେରେ ଭରିବା

*କୀର୍ତ୍ତନ ସାହୁ*

ଆମେରେ ଭରିବା ଆନ ମନେ ଖୁସି
ମିଠା କଥା ଫୁଲ ବାଣ୍ଟି
ଅନାବିଳ ଭାବ ବୋଲି ହୋଇଥିବ
ନକଲି ନ ହୋଇ ଖାଣ୍ଟି

ଆମେରେ ଭରିବା କାମରେ ସରାଗ
ସହଜେ ସାରିବା ପାଇଁ
ଠିକ୍ ବେଳେ ଯଦି କାମ ସାରି ଦେବା
ଆନନ୍ଦ ହିଁ ମିଳି ଥାଇ

ଆମେରେ ଭରିବା ଭୋକିଲା ପେଟକୁ
ଖାଇବାକୁ ଦାନା ଦେଇ
ମୁହଁରେ ତାଙ୍କର ହସ ଉକୁଟିବ
ଆମ ଭଲ ଭାବ ନେଇ

ଆମେରେ ଭରିବା ଗୁରୁଜନ ପ୍ରତି
ହୃଦୟରେ ଭକ୍ତି ଭାବ
ତାଙ୍କରି ଆଶିଷ ବଳେ ସିନା ଆମେ
ବାହିବା ସୁଖର ନାବ

ଗଛ ଅଛି ବୋଲି ଆମେ ସିନା ଅଛୁ
ଏ କଥା ବୁଝିବା ପରା
ତା ପ୍ରତି ମମତା ଭରି ଆମ ମନେ
ହସାଇବା ଏଇ ଧରା ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ଝିଟିପିଟିଟା କୁମ୍ଭୀର ନୁହେଁ

*ନୀଳମଣି ଚନ୍ଦ*



ଦେଖରେ ଦେଖ କୁନି କୁମ୍ଭୀର
ପୋକଟେ ଗିଳିଦେଇ
କାନ୍ଥରେ ଯାଏ ହଲିହଲିକା
ଭାରି ଚତୁର ସେହି

ଆରବ କଥା ଶୁଣି ଜେଜେମା
କାନ୍ଥକୁ ଦେଲେ ଚାହିଁ
କହିଲେ ଝିଟିପିଟି ସେଇଟା
କୁମ୍ଭୀର ଗଲା କାହିଁ ?

ଆରେ ଆରବ କୁନି କୁମ୍ଭୀର
ସେଇଟା ନୁହଁ ପରା
କୁମ୍ଭୀର କହି ସମସ୍ତଙ୍କୁରେ
କାହିଁକି ତୁହି ଡରା

ପାଣିରେ ସିନା କୁମ୍ଭୀର ଘର
ଜାଣେ ଶିକାର କରି
ମଣିଷ ଗାଈଗୋରୁଙ୍କୁ ସିଏ
ନେଇଯାଏରେ ଧରି

ଭିତରକନିକା ବୁଲିଗଲେ
ଦେଖିବୁ ପଲପଲ
ବାଲିରେ ପଡିଥିବେ କୁମ୍ଭୀର
ନହୋଇ ହଲଚଲ

ଯେବେରେ ବାବୁ ହେବୁ ତୁ ବଡ
ଜାଣିବୁ ତାଙ୍କ କଥା
ଝିଟିପିଟିଟା କୁମ୍ଭୀର ନୁହେଁ
ଜାଣି ଘୂରିବ ମଥା ।

*ଭୁବନେଶ୍ୱର*
*ମୋ- ୯୫୮୩୨୦୨୩୫୭*

# ମାଗଣାରେ ଦେଖିବେ ଟି-୨୦ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍



**ମୁମ୍ବାଇ**

ଫ୍ୟାନ୍ସଙ୍କ ପାଇଁ ଖୁସିର ଖବର। ଟି-୨୦ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ମୋବାଇଲ୍‌ରେ ମାଗଣାରେ ଦେଖିବେ ୟୁଜର୍ସ। ମୋବାଇଲ ଆପ୍ଲିକେସନ୍ ଡିଜ୍‌ନୀ ହଟ୍‌ଷ୍ଟାରରେ ଟି-୨୦ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ଦେଖିପାରିବେ ଫ୍ୟାନ୍ସ। ଏଥିପାଇଁ କୌଣସି ଦେୟ ଦେବାକୁ ପଡିବନାହିଁ। ସୂଚନାଯୋଗ୍ୟ ଯେ, ଜୁନ୍ ୧ ତାରିଖରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ୍-୨୦୨୪। ଚଳିତ ଥର ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୦ଟି ଟିମ୍ କ୍ୱାଲିଫାଏ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୮ଟି ଟିମ୍ ଟି-୨୦ ବିଶ୍ୱକପ୍‌ରେ ଏଣ୍ଟ୍ରି କରିବେ। ସେହିଠାରୁ ହିଁ ଆରମ୍ଭ ହେବ ସୁପର ୮ ଷ୍ଟେଜ୍ ମୁକାବିଲା। ଶେଷରେ ଜୁନ୍ ୨୯ରେ ଟି-୨୦ ବିଶ୍ୱକପ୍ ୨୦୨୪ର ଫାଇନାଲ ମୁକାବିଲା ଖେଳାଯିବ।

ସୂଚନାଯୋଗ୍ୟ ଯେ, ୨୦୦୭ରେ କ୍ରିକେଟ୍ ଇତିହାସରେ ଆରମ୍ଭ ହୋଇଥିଲା ଏହି ସର୍ଟ ଫର୍ମାଟର ଟୁର୍ଣ୍ଣାମେଣ୍ଟ। ବର୍ତ୍ତମାନ ସୁଦ୍ଧା ୮ଟି ଟି-୨୦ ବିଶ୍ୱକପ୍ ଖେଳାଯାଇଛି। ଯେଉଁଥିରୁ ୱେଷ୍ଟଇଣ୍ଡିଜ୍ ସର୍ବାଧିକ ୨ ଥର ଜିତିଛି ଟ୍ରଫି। ବାକି ଆଉ ସବୁ ଟିମ୍ ଥରେ ଲେଖାଏଁ ହାତେଇଛନ୍ତି ବିଶ୍ୱକପ୍ ଟ୍ରଫି।

## ଇତିହାସ ରଚିଲେ ଶବନିମ ଇସ୍‌ମାଇଲ

# ମହିଳା କ୍ରିକେଟ ଇତିହାସରେ କଲେ ସବୁଠାରୁ ଦ୍ରୁତତମ ବୋଲିଂ

**ନୂଆଦିଲ୍ଲୀ**

ସାଉଥ ଆଫ୍ରିକାର ଦ୍ରୁତ ବୋଲର୍ ଶବନିମ ଇସମାଇଲ ରଚିଲେ ଇତିହାସ। ସେ ପ୍ରଥମ ମହିଳା ବୋଲର୍ ହୋଇଛନ୍ତି, ଯିଏକି ଘଣ୍ଟାପ୍ରତି ୧୩୦ କିଲୋମିଟର ସ୍ପିଡ୍‌ରେ ବୋଲିଂ କରିଛନ୍ତି। ଇସମାଇଲ ମଙ୍ଗଳବାରରେ ଏହି ଐତିହାସିକ ରେକର୍ଡ ନିଜ ନାଁରେ କରିଛନ୍ତି । ଇସମାଇଲ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ ମଧ୍ୟରେ ଡବ୍ଲୁପିଏଲ୍ ୨୦୨୪ରେ ଘଣ୍ଟାପ୍ରତି ୧୩୨.୧ କିଲୋମିଟର ସ୍ପିଡ୍‌ରେ ବୋଲିଂ କରିଥିଲେ।

ମ୍ୟାଚ୍‌ର ତୃତୀୟ ଓଭରର ଦ୍ୱିତୀୟ ବଲ୍‌ରେ ଏହି ବୋଲିଂ କରିଥିଲେ ଶବନିମ୍। ଦିଲ୍ଲୀ କ୍ୟାପିଟାଲର କ୍ୟାପଟେନ୍ ମେଗ ଲାନିଙ୍ଗଙ୍କୁ ଏହି ବଲ୍ ପକାଇଥିଲେ ଇସମାଇଲ। ମୁମ୍ବାଇ ଇଣ୍ଡିଆନ୍ସ ଏଲବିଡବ୍ଲୁ ପାଇଁ ଆବେଦନ କରିଥିଲେ, କିନ୍ତୁ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା।



ମ୍ୟାଚ୍ ପରେ ଯେତେବେଳେ ଇସମାଇଲଙ୍କୁ ତାଙ୍କ ରେକର୍ଡ ବିଷୟରେ ପଚରାଯାଇଥିଲା ସେତେବେଳେ ସେ କହିଥିଲେ କି ସେ ବୋଲିଂ କଲା ବେଳେ ବଡ଼ ପରଦାକୁ ଧ୍ୟାନ ଦିଅନ୍ତିନି। ତେଣୁ ସେ ତାଙ୍କ ରେକର୍ଡ ବିଷୟରେ ଜାଣିନଥିଲେ। ୨୩ ବର୍ଷୀୟ ଏହି ଖେଳାଳି ପୂର୍ବରୁ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ୟାପିଟାଲ୍ସ ବିପକ୍ଷରେ ଡବ୍ଲୁପିଏଲ୍ ୨୦୨୪ ସିଜନ ଓପନର୍‌ରେ ଘଣ୍ଟାପ୍ରତି ୧୨୮.୩ କିଲୋମିଟର ବେଗରେ ବୋଲିଂ କରିଥିଲେ।

ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର୍ ଅନ୍ତରାଷ୍ଟ୍ରୀୟ ମହିଳା କ୍ରିକେଟରେ ସବୁଠାରୁ ଦ୍ରୁତ ବେଗରେ ବୋଲିଂ କରିବାର ରେକର୍ଡ ମଧ୍ୟ ତାଙ୍କ ନାଁରେ ରହିଛି। ୨୦୧୬ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଘଣ୍ଟାପ୍ରତି ୧୨୮ କିଲୋମିଟର ଏବଂ ୨୦୨୨ ଓଡିଆଇ ବିଶ୍ୱକପରେ ଦୁଇଥର ଘଣ୍ଟାପ୍ରତି ୧୨୭ କିଲୋମିଟର ବେଗରେ ବୋଲିଂ କରିଥିଲେ। ୨୦୨୩ର ଟି-୨୦ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷ ଗୋଟିଏ ଓଭରରେ ୧୧୯, ୧୨୨, ୧୨୬, ୧୨୦, ୧୨୫, ୧୨୮ ବେଗରେ ବୋଲିଂ କରିଥିଲେ ଇସ୍‌ମାଇଲ।

# ଆଇପିଏଲ୍‌ରେ ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେବେ ଧୋନୀ



**ଚେନ୍ନାଇ**

ମହେନ୍ଦ୍ର ସିଂ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସକୁ ତାଙ୍କ ଅଧିନାୟକତ୍ୱରେ ଆଇପିଏଲ ୨୦୨୩ ଟାଇଟଲ ଜିତିଥିଲେ। ଧୋନୀଙ୍କ ଅଧିନାୟକତ୍ୱରେ ଚେନ୍ନାଇ ମୋଟ୍ ୫ଟି ଆଇପିଏଲ ଟାଇଟଲ ଜିତିଛି। ଏବେ ପୁଣି ଥରେ ପ୍ରଶଂସକମାନେ ଆଶା କରୁଛନ୍ତି ଯେ ଧୋନୀ ଅଧିନାୟକ ଭାବେ ଚେନ୍ନାଇ ପାଇଁ କିଛି କରିବେ। କିନ୍ତୁ ଏହାପୂର୍ବରୁ ଧୋନୀ ତାଙ୍କର ନୂଆ ରୋଲ ଘୋଷଣା କରିଛନ୍ତି, ଯାହା ପ୍ରଶଂସକଙ୍କ ପାଇଁ କୌଣସି ସରପ୍ରାଇଜ୍‌ଠାରୁ କମ୍ ନୁହେଁ।

ଧୋନୀ ଅଧିନାୟକ ଭାବରେ ଆଇପିଏଲ୍ ଖେଳିବେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଧୋନୀ ଫେସ୍‌ବୁକ୍ ମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେ ଲେଖିଛନ୍ତି, ନୂତନ ସିଜିନ୍ ଏବଂ ନୂତନ ଅବତାର ପାଇଁ ଆଉ ଅପେକ୍ଷା କରିପାରିବି ନାହିଁ, ଯୋଡିହୋଇଥାନ୍ତୁ। ବର୍ତ୍ତମାନ ଧୋନୀ ଏଥର ପ୍ରଶଂସକଙ୍କ ପାଇଁ କ'ଣ ଆଣିବେ ତାହା ଦେଖିବା ମଜାଦାର ହେବ। ଏହି ପୋଷ୍ଟ ସହିତ ସେ ନିଶ୍ଚିତ ଭାବରେ ପ୍ରଶଂସକଙ୍କ ମଧ୍ୟରେ ସସପେନ୍ସ ବୃଦ୍ଧି କରିଛନ୍ତି।

# ସେନାଙ୍କ ସହ ତାଲିମ୍ ନେବେ ପାକ୍ ଖେଳାଳି

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟରେ ଯେତେବେଳେ ଫିଟ୍‌ନେସ୍ କଥା କହିଲେ, ସାମ୍ନାକୁ ଚାଲିଆସେ ଭାରତୀୟ ଖେଳାଳିଙ୍କ ନାଁ। ଫିଟ୍‌ନେସ୍ ଦୃଷ୍ଟିରୁ ପାକିସ୍ତାନୀ ଖେଳାଳିମାନେ ସବୁବେଳେ ପରିହାସର ସାମ୍ନା କରିବାକୁ ପଡୁଛି। ବର୍ତ୍ତମାନ ପିସିବି ଖେଳାଳିଙ୍କ ଫିଟ୍‌ନେସ୍‌କୁ ନେଇ ଚିନ୍ତିତ। ଏହାକୁ ଦୃଷ୍ଟିରେ ରଖି ବୋର୍ଡ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ପାକିସ୍ତାନ ସୁପର ଲିଗ୍ ଶେଷ ହେବା ପରେ ପାକିସ୍ତାନୀ ଖେଳାଳିମାନେ ସେନା ନିକଟରେ ୧୦ ଦିନ ତାଲିମ ନେବେ। ଏନେଇ ନିଷ୍ପତ୍ତି ନେଇଛି ବୋର୍ଡ।

ସୂଚନା ଅନୁଯାୟୀ, ପାକିସ୍ତାନୀ କ୍ରିକେଟରଙ୍କ ପାଇଁ ଏହି ୧୦ ଦିନିଆ କ୍ୟାମ୍ପ ମାର୍ଚ୍ଚ ୨୫ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଆରମ୍ଭ ହେବ। ଇସଲାମାବାଦରେ



ଖେଳାଳିଙ୍କୁ ସମ୍ବୋଧିତ କରୁଥିବାବେଳେ ପିସିବି ମୁଖ୍ୟ ମୋହସିନ ନାକ୍‌ଭି ଏହି ଘୋଷଣା କରିଛନ୍ତି।

ମୋହସିନ ନାକ୍‌ଭି କହିଛନ୍ତି ଯେ ଯେତେବେଳେ ମୁଁ ଲାହୋରରେ ମ୍ୟାଚ୍ ଦେଖିଛି, ମୁଁ ଭାବୁନାହିଁ ଯେ କୌଣସି ଖେଳାଳି ଷ୍ଟାଣ୍ଡରେ ଷ୍ଟ୍ରେଟ୍ ଛକା ମାରିଛନ୍ତି। ବିଦେଶୀ ଖେଳାଳିମାନେ ଆରାମରେ ଷ୍ଟ୍ରେଟ୍ସ ଛକା ମାରିଥିଲେ, ତେଣୁ ମୁଁ ଖେଳାଳିଙ୍କ ଫିଟ୍‌ନେସ୍ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି। ମୁଁ ଆଶା କରୁଛି ସମସ୍ତେ ଏଥିରେ ସହଯୋଗ କରିବେ।

ନାକ୍‌ଭି କହିଛନ୍ତି ଯେ ସେନା ସହିତ ଖେଳାଳିଙ୍କ ଏହି ଶିବିର ପିଏସ୍‌ଏଲ୍ ଶେଷ ହେବାର ଏକ ସପ୍ତାହ ପରେ ଆରମ୍ଭ ହେବ। ଏହା ଖେଳାଳିମାନଙ୍କୁ ଶୀଘ୍ର ଫିଟ୍‌ନେସ୍ ହାସଲ କରିବାରେ ସାହାଯ୍ୟ କରିବ ବୋଲି ନାକ୍‌ଭି ଆଶା ପ୍ରକଟ କରିଛନ୍ତି।

ନାକ୍‌ଭି କହିଛନ୍ତି ଯେ ଆଗାମୀ ସମୟରେ ଆମର ଅନେକ ବଡ଼ ଟୁର୍ଣ୍ଣାମେଣ୍ଟ ଅଛି ଯେଉଁଠାରେ ଆମକୁ ଭଲ କରିବାକୁ ପଡ଼ିବ। ଆମ ସାମ୍ନାରେ ନ୍ୟୁଜିଲାଣ୍ଡ, ତା'ପରେ ଆୟର୍ଲାଣ୍ଡ, ଇଂଲଣ୍ଡ ଏବଂ ତା'ପରେ ଟି -୨୦ ବିଶ୍ୱକପ ଆସୁଛି।

# ଅଶ୍ୱିନଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଲେ ପୂର୍ବତନ କ୍ରିକେଟର୍

**ନୂଆଦିଲ୍ଲୀ**

ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ତାଙ୍କର ୧୦୦ତମ ଟେଷ୍ଟର ଦ୍ୱାର ଦେଶରେ ଅଛନ୍ତି। ଧର୍ମଶାଳାରେ ଇଂଲଣ୍ଡ ବିପକ୍ଷରେ ପଞ୍ଚମ ଟେଷ୍ଟରେ ପ୍ରବେଶ କରିବା ମାତ୍ରେ ଅଶ୍ୱିନ ଏହି ମାଇଲଖୁଣ୍ଟ ହାସଲ କରିବେ। ଅଶ୍ୱିନ ଏହି ସଫଳତା ପାଇଁ ସମଗ୍ର କ୍ରିକେଟ ଜଗତ ତାଙ୍କୁ ପ୍ରଶଂସା କରୁଛନ୍ତି। ତେବେ ପୂର୍ବତନ ଭାରତୀୟ ସ୍ପିନର ଲକ୍ଷ୍ମଣ ଶିବରାମକ୍ରିଷ୍ଣନ ଏହି ଅଭିଜ୍ଞ ସ୍ପିନରଙ୍କ ଆଚରଣରେ ଖୁସି ନାହାନ୍ତି। ଶିବରାମକ୍ରିଷ୍ଣନ ଲେଖିଛନ୍ତି, ମୁଁ ତାଙ୍କର ୧୦୦ତମ ଟେଷ୍ଟରେ ଅଭିନନ୍ଦନ ଜଣାଇବା ପାଇଁ ଅଶ୍ୱିନଙ୍କୁ ଅନେକ ଫୋନ କରିଥିଲି। ସେ ମୋ ଫୋନକୁ କାଟିଦେଇଥିଲେ। ତାଙ୍କୁ ଏକ ମେସେଜ୍ ମଧ୍ୟ ପଠାଇଥିଲି, କୌଣସି ଉତ୍ତର ମିଳିଲା ନାହିଁ। ଶିବରାମକ୍ରିଷ୍ଣନ ଅଶ୍ୱିନଙ୍କୁ ପୂର୍ବରୁ ଅନେକ ଥର ସମାଲୋଚନା କରିଛନ୍ତି। ଏପରିକି ସେ ଅଶ୍ୱିନଙ୍କୁ ସ୍ୱାର୍ଥପର ବୋଲି କହିଛନ୍ତି। ତଥାପି ଅଶ୍ୱିନ ତାଙ୍କୁ କଦାପି ଉତ୍ତର ଦେଇ ନ ଥିଲେ।

# ରାଜ୍ୟରେ ୧୩ରୁ ୩୦ ଜିଲ୍ଲା ଗଠନ କରି ଚିରସ୍ମରଣୀୟ ରହିବେ ବିଜୁବାବୁ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପରିଷଦ, ଯାଜପୁର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଯାଜପୁର ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନାଙ୍କ ସଭାପତିତ୍ୱରେ ଯାଜପୁର ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଅଛି। ୧୦୮ତମ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ମହାନ ଜନନାୟକ, ଇଣ୍ଡୋନେସିଆର ଭୂମିପୁତ୍ର ଏବଂ ଆଧୁନିକ ଓଡ଼ିଶା ନିର୍ମାଣର ବିନ୍ଧାଣି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କର ରାଜନୈତିକ ଏବଂ ସମାଜ ସେବା ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ। ସଭାପତି ଭାଷଣରେ ଶ୍ରୀମତୀ ଜେନା କହିଲେ ଯେ, ଆଜି ପଞ୍ଚାୟତିରାଜ ଓ ଲୋକସେବା ଦିବସରେ ଜନ ପ୍ରତିନିଧିମାନଙ୍କୁ ତ୍ରିସ୍ତରୀୟ ଶାସନ ଓ ପ୍ରଶାସନ ବ୍ୟବସ୍ଥାର ଦାୟିତ୍ୱ,




କର୍ତ୍ତବ୍ୟ ଓ ଭୂମିକା ସମ୍ବନ୍ଧରେ ପ୍ରେରଣା ଯୋଗାଇବ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶାସନ ସମୟରେ ମହିଳାମାନଙ୍କ ସଂରକ୍ଷଣ ସ୍ଥାନ ୩୩% ଥିବାବେଳେ ବର୍ତ୍ତମାନ ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ସଂରକ୍ଷଣ ସ୍ଥାନ ୫୫%କୁ ଅଭିବୃଦ୍ଧି କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରଶ୍ମିରେଖା ପ୍ରଧାନ, ପ୍ରୋଜେକ୍ଟ ମ୍ୟାନେଜର (ଦକ୍ଷତା ବିକାଶ), ଜିଲ୍ଲା ପରିଷଦ ମଧୁମିତା ପୃଷ୍ଟି, ମିଳିତ ଭାବେ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ ତାଙ୍କ ବକ୍ତବ୍ୟରେ କହିଲେ ଯେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଦିବସକୁ ସୁଦୃଢ କରିବା ନେଇ ଶାସନ ଓ ପ୍ରଶାସନକୁ ତୃଣମୂଳ ସ୍ତରରେ ନିକଟବର୍ତ୍ତୀ କରାଇବା ପାଇଁ ଓଡ଼ିଶାକୁ ୧୩ ଗୋଟି ଜିଲ୍ଲାରୁ ୩୦ ଗୋଟି ଜିଲ୍ଲାରେ ପରିଣତ କରିବା ଭଳି ମହତ୍ କାର୍ଯ୍ୟ ବିଜୁ ପଟ୍ଟନାୟକଙ୍କୁ ଚିର ସ୍ମରଣୀୟ କରି ରଖିବ। ମୁଖ୍ୟମନ୍ତ୍ରୀଙ୍କ ଯାଜପୁର ଜିଲ୍ଲାକୁ ସର୍ବାଗ୍ରେ ଉନ୍ନତି ଆଣିବାକୁ ଯେଉଁ ଆନ୍ତରିକତା ପ୍ରଦାନ କରିଛନ୍ତି ତାହାକୁ ବଜାୟ ରଖିବାକୁ ହେଲେ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି ନିଷ୍ଠାର ସହ ଜନସାଧାରଣଙ୍କ ସମସ୍ୟା ସମାଧାନ କଲେ ତାହା ହିଁ ଆଜି ଦିବସ ପାଳନର ଯଥାର୍ଥତା ପ୍ରତିପାଦିତ ହେବ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରଶ୍ମିରେଖା ପ୍ରଧାନ ଯୋଗଦେଇ କହିଲେ ଯେ, ଗଣତାନ୍ତ୍ରିକ ପଦ୍ଧତିରେ ମୁଖ୍ୟ ହେଲେ ଜନସାଧାରଣ। ସ୍ୱର୍ଗତ ବିଜୁ ପଟ୍ଟନାୟକ ସବୁବେଳେ ଲୋକ ମାନଙ୍କ ଦ୍ୱାରା ଲୋକମାନଙ୍କର ଓ ଲୋକମାନଙ୍କ ପାଇଁ ବିଧି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକର କାର୍ଯ୍ୟକାରିତା ଦିଗରେ ଜନ ପ୍ରତିନିଧି ମାନଙ୍କ ଯଥେଷ୍ଟ ଭୂମିକା ରହିଛି ବୋଲି କହିଥିଲେ।

## ଆର ଅଶ୍ୱିନ ବନାମ ନାଥନ ଲିୟନ

# କେମିତି ବ୍ୟାଟରଙ୍କୁ କ୍ରିଜ୍ ବାହାରକୁ ଅଣାଯିବାର କଳା ଅଶ୍ୱିନଙ୍କୁ ବେଶ୍ ଭଲ ଭାବେ ଜଣା : ଜୋ ରୁଟ୍

**ନୂଆଦିଲ୍ଲୀ**

ସଂପ୍ରତି ଟେଷ୍ଟ କ୍ରିକେଟରେ ଯେବେ ସ୍ପିନରଙ୍କ କଥା ଉଠେ ତେବେ ସ୍ୱତଃପ୍ରବୃତ୍ତ ଭାବେ ଦୁଇଟି ନାଁ ସାମ୍ନାକୁ ଆସେ। ସେହି ଦୁଇ ବୋଲର ହେଉଛନ୍ତି ଭାରତର ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଅଷ୍ଟ୍ରେଲିଆର ନାଥନ ଲିୟନ। ନିକଟରେ ଦୁଇ ବୋଲର ଟେଷ୍ଟରେ ୫୦୦ ଟେଷ୍ଟ ୱିକେଟ ନେବାର ମାଇଲ ଖୁଣ୍ଟ ଛୁଇଁ ସାରିଛନ୍ତି। ଦୁଇ ବୋଲର ପରସ୍ପରଙ୍କୁ ବେଶ୍ ସମ୍ମାନ ମଧ୍ୟ କରନ୍ତି। ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ଟେଷ୍ଟ କ୍ରିକେଟରେ ଏହି ଦୁଇ ବୋଲରଙ୍କୁ ଖୁବ୍ ସାମ୍ନା କରିଛନ୍ତି। ଏଥିପାଇଁ ସେ ଜାଣିଛନ୍ତି ଦୁଇ ବୋଲରଙ୍କ ମଧ୍ୟରୁ କିଏ ଅଧିକ ଘାତକ ଓ ଉଭୟଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି। ସ୍କାଇ




ସ୍ପୋର୍ଟ୍ସ ସହ ଆଲୋଚନା ବେଳେ ରୁଟ୍ କହିଛନ୍ତି, ଅଶ୍ୱିନ ବୋଲିଂ କରିବା ସମୟରେ ବୋଲିଂରେ ଅନେକ ବିବିଧତା ଆଣନ୍ତି। ଏହି ମାମଲାରେ ସେ ବହୁତ ଆଗରେ ରହିଛନ୍ତି। କେମିତି ବ୍ୟାଟରଙ୍କୁ କ୍ରିଜ୍ ବାହାରକୁ ଅଣାଯିବ ତା'ର କଳା ଅଶ୍ୱିନଙ୍କୁ ବେଶ୍ ଭଲ ଭାବେ ଜଣା। ଅନ୍ୟପଟେ ରୁଟ୍ ଲିୟନଙ୍କୁ ନେଇ କହିଛନ୍ତି, ଖାସ୍ କରି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ହାଫରେ ଲିୟନ ବଲକୁ ଉପରେ ରଖିବାକୁ ପସନ୍ଦ କରନ୍ତି। ସେ ବଲ୍‌କୁ ଗୁଗ୍‌ଲି କରିବାକୁ ଚେଷ୍ଟା କରନ୍ତି, ଯଦ୍ୱାର ବ୍ୟାଟର ସଟ୍ ଖେଳିବାକୁ ଯାଇ ବିଟ୍ ହେବ। ପୁଣି ସେ ଧୀରେ ଧୀରେ ନିଜ ଗତି କମ୍ କରନ୍ତି। ବୋଲିଂ ସମୟରେ କ୍ରିଜର ଗଭୀରତାକୁ ସଠିକ ବ୍ୟବହାର କରନ୍ତି। ତେବେ ରୁଟ୍‌ଙ୍କ ମତରେ ଅଶ୍ୱିନ ୱିକେଟ ନେବା ଉପରେ ଅଧିକ ଫୋକସ୍ କରନ୍ତି।

ସୂଚନାଯୋଗ୍ୟ, ସଂପ୍ରତି ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି। ସିରିଜ୍‌ରେ ଭାରତ ୩-୧ରେ ଅଗ୍ରଣୀ ହାସଲ କରିଛି। ଶେଷ ଟେଷ୍ଟ ମ୍ୟାଚ ଧର୍ମଶାଳାରେ ମାର୍ଚ୍ଚ ୭ରୁ ଖେଳାଯିବ। ଅନ୍ୟପଟେ ମାର୍ଚ୍ଚ ୮ରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସିରିଜ୍‌ର ଶେଷ ତଥା ଦ୍ୱିତୀୟ ଟେଷ୍ଟ ଖେଳାଯିବ। ନାଥନ ଲିୟନ ପ୍ରଥମ ଟେଷ୍ଟରେ ୧୦ ୱିକେଟ ନେଇଥିବା ବେଳେ ଅଶ୍ୱିନ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୫୦୦ ଟେଷ୍ଟ ୱିକେଟ ନେଇଛନ୍ତି।

# ଟି-୨୦ ବିଶ୍ୱକପ୍‌ରେ ରିଙ୍କୁ ସିଂଙ୍କୁ ସ୍ଥାନ ମିଳିବା ନିଶ୍ଚିତ

**ଧର୍ମଶାଳା**

ଭାରତୀୟ କ୍ରିକେଟ ଦଳର ଉଦୀୟମାନ ଖେଳାଳି ରିଙ୍କୁ ସିଂଙ୍କ ପାଇଁ ବଡ଼ ଖୁସିର ଖବର। ଚଳିତ ବର୍ଷ ଜୁନରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ପାଇଁ ରିଙ୍କୁ ସିଂଙ୍କ ଭାରତୀୟ ଦଳରେ ସ୍ଥାନ ମିଳିବା ନିଶ୍ଚିତ। ରିଙ୍କୁ ଧର୍ମଶାଳାରେ ପହଞ୍ଚିବା ପରେ ଏହାର ଖୁଲାସା ଏକ ରିପୋର୍ଟରେ ହୋଇଛି। ଭାରତୀୟ ଦଳ ସଂପ୍ରତି ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି। ଶେଷ ମୁକାବିଲା ପାଇଁ ବିସିସିଆଇ ରିଙ୍କୁ ସିଂଙ୍କୁ ଦଳରେ ସାମିଲ କରିଛି। ଆଉ ରିଙ୍କୁ ମଧ୍ୟ ଧର୍ମଶାଳାରେ ପହଞ୍ଚିଯାଇଛନ୍ତି। ଆଶା କରାଯାଉଛି। ରିଙ୍କୁଙ୍କୁ ଶେଷ ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ। କାରଣ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସିରିଜକୁ ପୂର୍ବରୁ ହିଁ ୩-୧ରେ କବ୍‌ଜା କରି ସାରିଛି। ଏମିତିରେ ରିଙ୍କୁ ସିଂଙ୍କୁ ଦଳ ପରୀକ୍ଷାମୂଳକ ଭାବେ ସୁଯୋଗ ଦେଇପାରେ। ମାତ୍ର ଆଉ ଏକ ଖବର ସାମ୍ନାକୁ ଆସିଛି ଯେ, ଧର୍ମାଶାଳାରେ ଟି-୨୦ ବିଶ୍ୱକପ୍‌କୁ ନେଇ ଭାରତୀୟ ଖେଳାଳିଙ୍କ ଫଟୋ ସୁଟ୍ କରାଯାଇଛି। ଏଥିରେ ରିଙ୍କୁ ମଧ୍ୟ ସାମିଲ ହୋଇଛନ୍ତି। ଏଥିରୁ ଚିତ୍ର ସ୍ପଷ୍ଟ ହୋଇଛି ଯେ, ରିଙ୍କୁ ସିଂଙ୍କୁ ବିଶ୍ୱକପ ଦଳରେ ସ୍ଥାନ ମିଳିବା ନିଶ୍ଚିତ। ଯଦି ଏମିତି ହୋଇ ନ ଥାନ୍ତା ତେବେ ତାଙ୍କୁ ଫଟୋସୁଟରେ କାହିଁକି ସାମିଲ କରାଯାଇଥାନ୍ତା।


**Government of Odisha "e" procurement Notice.**
**OFFICE OF THE DIVISIONAL FOREST OFFICER**
**DHENKANAL DIVISION, DHENKANAL**

MM-502

***Bid Identification No. - 03-DFO/DKL of 2023-24***

| | |
|---|---|
| 1. Name of the work | Design, Supply, Installation and Commissioning of AI Based System for Reduction of Human-Elephant Conflict, Wildlife Protection and Wildlife Monitoring in various Forest Ranges of the Dhenkanal Forest Division. Divisional Forest Officer, Dhenkanal Division, Dhenkanal |
| 2. Estimate cost | Rs. 68.56 (Approximate) |
| 3. Period of completion: | 3 (Three) months |
| 4. Date & time of availability of the<br>5. Bid documents in the portal | 10.00 AM of 07.03.2024<br>to 5.00 PM of 17.03.2024 |
| 6. Last date / Time of receipt of the bid in Portal. | 17.03.2024 up to 5.00 PM. |
| 7. Date of Opening | 18.03.2024 at 11.00 AM. |
| 8. Name and Address of the Office. | Office of the Divisional Forest Officer Dhenkanal Division, Dhenkanal |

9. The bidders have to participate in ONLINE bidding only.

**Further details can be seen from the e - procurement Portal "https://tendersorissa.gov.in**

**Sd/- Divisional Forest Officer**
**Dhenkanal Division, Dhenkanal**
**OIPR-08037/11/0022/2324**


# ଭିନ୍ନକ୍ଷମଙ୍କୁ ସଶକ୍ତ କରିବା ଦିଗରେ ପଦକ୍ଷେପ



**ଶ୍ରୀ କେ.ଭି.ଏସ୍. ରାଓ**
ଭିନ୍ନକ୍ଷମ ନୀତି ବିଶେଷଜ୍ଞ

ଭିନ୍ନକ୍ଷମ ଅଧିକାର ଆଇନ, ୨୦୧୬ କାର୍ଯ୍ୟକାରୀ ହେବା ପରେ ଭାରତର ଭିନ୍ନକ୍ଷମ (ପିଡବ୍ଲ୍ୟୁଡି) ଅଧିକାର ସାବ୍ୟସ୍ତ ଇତିହାସରେ ଏକ ନୂତନ ପରିବର୍ତ୍ତନ ଆସିଛି। ଏହି ଆଇନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିଭିନ୍ନ ପ୍ରକାରର ଅଧିକାର ଉପଭୋଗ କରିବା ଏବଂ ଅଧିକାରର ଗ୍ୟାରେଣ୍ଟି ଦେଇଥାଏ। ଏହା ସହ ଭାରତୀୟ ଭାଷାରେ ଭିନ୍ନକ୍ଷମମାନଙ୍କୁ ସମ୍ବୋଧନ କରିବା ପାଇଁ ଏକ ନୂତନ ନାମକରଣ 'ଦିବ୍ୟାଙ୍ଗଜନ'କୁ ମଧ୍ୟ ବିଧାନସଭା ପରିଭାଷାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଶବ୍ଦଟି ସମଗ୍ର ଦିବ୍ୟାଙ୍ଗ ସମ୍ପ୍ରଦାୟର ମନୋବଳ ବୃଦ୍ଧି କରିଛି।

ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ କେନ୍ଦ୍ର ସରକାର ଉକ୍ତ ଆଇନରେ ରହିଥିବା ବିଭିନ୍ନ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ପ୍ରଭାବଶାଳୀ ଭାବେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ୨୦୧୪-୧୫ ମସିହା ଠାରୁ ୨୦୨୨-୨୦୨୩ ମସିହା ମଧ୍ୟରେ ୨୫ ଲକ୍ଷରୁ ଅଧିକ ଦିବ୍ୟାଙ୍ଗଙ୍କୁ ୧୬୯୦.୪୯ କୋଟି ଟଙ୍କାର ସହାୟତା ଓ ସହାୟକ ଉପକରଣ ଦିଆଯାଇଛି। ସେହିପରି ୨,୨୮,୫୨୮ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ୭୦୦.୫୪ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିବା ବେଳେ ଭିନ୍ନକ୍ଷମମାନଙ୍କର ଉନ୍ନତି ଦିଗରେ କାର୍ଯ୍ୟ କରୁଥିବା ୪୩୯୫ଟି ବେସରକାରୀ ସଂଗଠନଙ୍କୁ ୬୭୫.୮୯ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଏହା ଫଳରେ ୩,୧୮,୬୫୧ ଜଣ ଭିନ୍ନକ୍ଷମ ପିଲା ଉପକୃତ ହୋଇଛନ୍ତି। ଏହା ସହିତ କେନ୍ଦ୍ର ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରତ୍ୟକ୍ଷ (ଡିଇପିଡବ୍ଲୁଡି) ତତ୍ତ୍ୱାବଧାନରେ ସେମାନଙ୍କ ଶାରୀରିକ, ଶିକ୍ଷାଗତ ଏବଂ ଆର୍ଥିକ ସଶକ୍ତୀକରଣ ପାଇଁ ଅନେକ ପ୍ରକାରର ଉଦ୍ୟମ ହୋଇଛି। ୨୦୨୩ କ୍ୟାଲେଣ୍ଡର ବର୍ଷ ଏହି ଦୃଷ୍ଟିରୁ ଏକ ଅତ୍ୟନ୍ତ ଘଟଣାବହୁଳ ବର୍ଷ।

୨୦୨୩ ବର୍ଷରେ ଏହି ମାନଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ଏବଂ ଜୀବିକାରେ ଉନ୍ନତି ଆଣିବା ଉପଲକ୍ଷେ ୭ଟି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଥିଲା ଏଡିଆଇପି ଯୋଜନା। ଏହି ଯୋଜନା ମାଧ୍ୟମରେ ଆର୍ଥିକ ଅନଗ୍ରସର ବ୍ୟକ୍ତିମାନଙ୍କର ଥଇଥାନ, ଦୃଷ୍ଟିହୀନ, ଶ୍ରବଣ ବାଧିତ ଲୋକୋମୋଟର ଏବଂ ବୌଦ୍ଧିକ ବର୍ଗ ପାଇଁ ଆବଶ୍ୟକୀୟ ଉପକରଣର ମାଗଣା ସହାୟତା ଯୋଗାଇ ଦିଆଯାଏ। ସ୍ଥାନୀୟ ତଥା ଆଞ୍ଚଳିକ ସ୍ତରରେ ହିତାଧିକାରୀ ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଚିହ୍ନଟ କରିବା ପାଇଁ ଏକ ଯୋଜନାବଦ୍ଧ ଉଦ୍ୟମ ପରେ ଏହାକୁ ବଣ୍ଟନ କରାଯାଇଥିଲା। ଗତବର୍ଷ ୧୪୫୫ଟି ବଣ୍ଟନ ଶିବିର ଆୟୋଜନ କରାଯାଇ ୧,୯୪,୧୩୩ ଜଣ ଦିବ୍ୟାଙ୍ଗଜନଙ୍କୁ ବିଭିନ୍ନ ଉପକରଣ ଦିଆଯାଇଥିବା ବେଳେ ଏ ବାବଦରେ ୨୬୦.୬୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

ଆଉ ଏକ ପଦକ୍ଷେପ ଭାବରେ, ଭିନ୍ନକ୍ଷମ କ୍ରୀଡ଼ା କେନ୍ଦ୍ର ପ୍ରତିଷ୍ଠା, ଦେଶରେ ୭ଟି କମ୍ପୋଜିଟ୍ ଆଞ୍ଚଳିକ କେନ୍ଦ୍ର ଏବଂ ୬ଟି ଜଣେ ବ୍ୟକ୍ତିଠାରେ ଏକାଧିକ ଭିନ୍ନକ୍ଷମତା ରହିଥିଲେ ସେମାନଙ୍କ ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପ କେନ୍ଦ୍ର ବ୍ୟବସ୍ଥାକୁ ସମ୍ପ୍ରସାରଣ କରାଯାଇଛି।

ତୃତୀୟତଃ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ 'ଦିବ୍ୟ କଳା ମେଳା' ନାମରେ ଏକ ନିୟମିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଭିନ୍ନକ୍ଷମ କଳାକାର, କାରିଗର ଓ ଉଦ୍ୟୋଗୀମାନେ ଶିବିରରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ, ଦକ୍ଷତା ଓ କଳା ପ୍ରଦର୍ଶନ କରିଥିଲେ। ଏଥିରେ ୨୦ରୁ ୨୫ଟି ରାଜ୍ୟର ୧୦୦ରୁ ଅଧିକ ଏନଜିଓ ଅଂଶଗ୍ରହଣ କରିଥିବା ବେଳେ ୧୦ ଦିନ ପର୍ଯ୍ୟନ୍ତ ହାରାହାରି ୧ ଲକ୍ଷ ଲୋକ ଏହାକୁ ପରିଦର୍ଶନ କରିଥିଲେ। ଏଥିରେ ସେମାନେ ଘରର ସଜ୍ଜା ଓ ଜୀବନଶୈଳୀ, ପୋଷାକ, ଷ୍ଟେସନାରୀ, ପରିବେଶ ଅନୁକୂଳ ପଦାର୍ଥ ପ୍ରସ୍ତୁତି, ପ୍ୟାକେଜ୍ ଖାଦ୍ୟ, ଜୈବିକ ପଦାର୍ଥ ପ୍ରସ୍ତୁତି, ଖେଳନା, ଉପହାର, ବ୍ୟକ୍ତିଗତ ଜିନିଷ, ଅଳଙ୍କାର, କ୍ଲଚ୍ ବ୍ୟାଗ୍, ପେଣ୍ଟିଂ ଇତ୍ୟାଦି ପ୍ରଦର୍ଶନ କରିଥାନ୍ତି। ଏହା ସେମାନଙ୍କୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତି ପଦାର୍ଥଗୁଡିକର ମାର୍କେଟିଂ କରିବାରେ ସାହାଯ୍ୟ କରେ। କେବଳ ସେତିକି ନୁହେଁ ବରଂ ନେଟ୍‌ୱାର୍କିଂ ମାଧ୍ୟମରେ ସେମାନଙ୍କର ଉତ୍ପାଦକତା ମଧ୍ୟ ଉନ୍ନତ କରେ। ଗତବର୍ଷ ରାଜ୍ୟସ୍ତରରେ ଏଭଳି ୭ଟି ମେଳା ଆୟୋଜନ କରାଯାଇ ଲୋକଙ୍କୁ ସେମାନଙ୍କ ଅଧିକାର ଓ ସାମର୍ଥ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା।

ଚତୁର୍ଥ ପଦକ୍ଷେପ ସ୍ୱରୂପ ପ୍ରାକ୍ ମାଟ୍ରିକ ସ୍ତରରୁ ଆରମ୍ଭ କରି ଏମ୍ ଫିଲ/ପିଏଚ୍‌ଡି ପାଠ୍ୟକ୍ରମ ପର୍ଯ୍ୟନ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବିଦେଶୀ ପାଠପଢ଼ା ଓ ମାଗଣା କୋଚିଂ ସମେତ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। କେବଳ ୨୦୨୩ ମସିହା ମାର୍ଚ୍ଚ ମାସରେ ୧୩,୩୮୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ୪୧.୮୩ କୋଟି ଟଙ୍କାର ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦିଆ ଯାଇଛି।

ପଞ୍ଚମ ପଦକ୍ଷେପରେ ଜାତୀୟ ଭିନ୍ନକ୍ଷମ ଅର୍ଥ ଉନ୍ନୟନ ନିଗମ ଭିନ୍ନକ୍ଷମ ମାନଙ୍କୁ ଆତ୍ମନିଯୁକ୍ତି ଏବଂ ଜୀବନ ଜୀବିକା ସମ୍ପର୍କୀତ କାର୍ଯ୍ୟ ପାଇଁ ରିହାତି ହାରରେ ଋଣ ପ୍ରଦାନ କରିଥାଏ । ଗତବର୍ଷ ଫେବୃୟାରୀ, ମାର୍ଚ୍ଚ ଓ ମେ' ମାସରେ ୭୧୦୩ ଜଣ ଭିନ୍ନକ୍ଷମଙ୍କୁ ୫୩.୭୪ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

ଷଷ୍ଠ ପଦକ୍ଷେପର ଅଂଶ ସ୍ୱରୂପ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ସମଗ୍ର ଭାରତରେ ୯ଟି ଜାତୀୟ ଅନୁଷ୍ଠାନ, ୨୫ଟି ସିଆରସି, ୨୨ଟି ସିଇଡିଆଇସି ଭିନ୍ନକ୍ଷମମାନଙ୍କ ଥଇଥାନ ସେବା, ଶିକ୍ଷା ପାଠ୍ୟକ୍ରମ , ଗବେଷଣା ଓ ଅଧ୍ୟୟନ କ୍ଷେତ୍ରରେ ସହାୟତା ପ୍ରଦାନ କରୁଛନ୍ତି। ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୩ କ୍ୟାଲେଣ୍ଡର ବର୍ଷର ୯ ମାସ ମଧ୍ୟରେ ୧୮୯ ହଜାର ନୂଆ ଦରଖାସ୍ତ ଏବଂ ୪୯୧ ହଜାର ପୁରୁଣା ଦରଖାସ୍ତ ଉପରେ ପଦକ୍ଷେପ ସ୍ୱରୂପ ଥଇଥାନ ସେବା ଯୋଗାଇ ଦିଆଯାଇଛି। ନିଆଯାଇଥିବା ଶେଷ ପଦକ୍ଷେପରେ ଭାରତ ଭିନ୍ନକ୍ଷମମାନଙ୍କ ପୁନର୍ବାସ ଏବଂ ନୀତି କ୍ଷେତ୍ରରେ ଆମର ବନ୍ଧୁ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ଓ ସମର୍ଥନ କରୁଛି। ଦକ୍ଷିଣ ଆଫ୍ରିକା ସରକାର ଭିନ୍ନକ୍ଷମ ଆଇନ ଏବଂ ସଂସ୍ଥାଗତ ବ୍ୟବସ୍ଥା କ୍ଷେତ୍ରରେ ଭାରତର ଶ୍ରେଷ୍ଠ ପଦକ୍ଷେପ ଗୁଡିକରୁ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୨୦୨୩ ଫେବୃୟାରୀରେ କେନ୍ଦ୍ର ସରକାର ଦୁଇ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ଅତୀତରେ ଆଫଗାନିସ୍ତାନ ଓ ଅଷ୍ଟ୍ରେଲିଆ ସହ ଏଭଳି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତ ଓ ଚିଲି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

୨୦୨୩ରେ ହୋଇଥିବା ଅଗ୍ରଗତି ପ୍ରଶଂସନୀୟ ହୋଇଥିବା ବେଳେ କେନ୍ଦ୍ର ସରକାର ନିମ୍ନଲିଖିତ କାର୍ଯ୍ୟପାଇଁ ପର୍ଯ୍ୟାପ୍ତ ସମୟ ଏବଂ ଶକ୍ତି ବିନିଯୋଗ କରିବାର ଆବଶ୍ୟକତା ରହିଛି :-

କ) ଯଥାଶୀଘ୍ର ଜିଲ୍ଲାପାଳମାନଙ୍କୁ ଦାୟିତ୍ୱ ଦେଇ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କ୍ୟାମ୍ପ ମାଧ୍ୟମରେ ସମସ୍ତ ଦିବ୍ୟାଙ୍ଗଜନଙ୍କୁ ୟୁଡିଆଇଡି କାର୍ଡ ବଣ୍ଟନ କରାଯିବା,

ଖ) ୨୦୧୬ ଆଇନ ଲାଗୁ ହେବାର ୭ ବର୍ଷ ବିତିଯାଇଥିବାରୁ ସମସ୍ତ ସରକାରୀ କୋଠାଗୁଡ଼ିକୁ ଦିବ୍ୟାଙ୍ଗ ଜନଙ୍କ ବ୍ୟବହାର ଉପଯୋଗୀ କରାଇବା, ଏବଂ

ଗ) ଦକ୍ଷତା ଉନ୍ନତି କରଣ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଠିକ୍ ସମୟରେ ନିଯୁକ୍ତି ଦେବା।

ବର୍ତ୍ତମାନର ସରକାରଙ୍କ ଏକ ଦଶନ୍ଧିର କାର୍ଯ୍ୟର ଦ୍ରୁତ ଗତିକୁ ଦୃଷ୍ଟିରେ ରଖି ଆମ ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କ ଜୀବନ ସରସ ସୁନ୍ଦର ହେବା ସହ ଅଧିକ ସଫଳତା ଓ ଉପକାରିତା ହାସଲ କରି ପାରିବେ ବୋଲି ଆଶା କରାଯାଉଛି।







ଭୁବନେଶ୍ୱର : ଗତ ୫ ତାରିଖ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ଦେବା ଅବସରର ଏକ ଅନ୍ତରଙ୍ଗ ମୁହୂର୍ତ୍ତ। (ଫଟୋ : ସମ୍ବାଦ କଳିକା)

## ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ

# ରାଜ୍ୟର ସ୍ୱାର୍ଥ ପାଇଁ ଠିକ୍ ସମୟରେ ନିଆଯିବ ଠିକଣା ନିଷ୍ପତ୍ତି

**ଭୁବନେଶ୍ୱର,୬।୩:ନ୍ୟୁଜ୍ ବ୍ୟୁରୋ**

ବୁଧବାର ଅପରାହ୍ଣରେ ନବୀନ ନିବାସ ଠାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂସଦ ତଥା ଜାତୀୟ ମୁଖପାତ୍ର ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଦିପ କୁମାର ଅମାତ୍, ପ୍ରଫୁଲ୍ଲ ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଜଗନ୍ନାଥ ସାରକା, ପ୍ରୀତି ରଞ୍ଜନ ଘଡ଼େଇ, ପ୍ରତାପ ଦେବ, ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ, ଉଷା ଦେବୀ, ବିଧାୟକ ତଥା ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ଡ. ଅରୁଣ ସାହୁ, ପ୍ରଣବ ବଳବନ୍ତରାୟ, ସୁଶାନ୍ତ ରାଉତ, ସମୀର ରଞ୍ଜନ ଦାସ, ସ୍ନେହାଙ୍ଗିନୀ ଛୁରିଆ, ଦଳର ସାଧାରଣ ସଂପାଦକ ସଞ୍ଜୟ ଦାଶ ବର୍ମା ପ୍ରମୁଖ ବହୁ ବିଧାୟକ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହିତ ରାଜ୍ୟସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ଆଦି ବିଭିନ୍ନ ଦିଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।



ଉପସଭାପତି ତଥା ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ ବିଷୟରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ବୈଠକ ଶେଷରେ ବିଜେଡି ଉପସଭାପତି ତଥା ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ ବିଷୟରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆଜି ସଫଳତାର ସହ ବିଭିନ୍ନ କ୍ଷେତ୍ରରେ ଆଗେଇ ଚାଲିଛି। ଓଡ଼ିଶାକୁ ଉଚ୍ଚତର ସୋପାନକୁ ନେବା ଏବଂ ଓଡ଼ିଶାର ସ୍ୱାର୍ଥ ପାଇଁ ଯାହା ଆବଶ୍ୟକ ତା' ଉପରେ ଦଳ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ।

ଶ୍ରୀ ମିଶ୍ର କହିଥିଲେ, ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଲୋକେ ଏଥିରୁ କେତେ ଉପକାର ପାଉଛନ୍ତି ତାହା ଉପରେ ଦୃଷ୍ଟି ଦିଆଯାଉଛି। ଆଗକୁ ଆଉ ଅଧିକ ସଂଖ୍ୟାରେ ଲୋକେ ଯେପରି ସରକାରୀ ଯୋଜନା ଦ୍ୱାରା ଉପକାର ପାଇବେ ସେଥିପାଇଁ ମଧ୍ୟ ଉଦ୍ୟମ କରାଯାଉଛି। ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ସେବାକୁ ପ୍ରାଥମିକତା ଦେଇଛନ୍ତି। ଆଗାମୀ ଦିନରେ ଏହା ମଧ୍ୟ ଚାଲୁ ରହିବ। ୧୨ ବର୍ଷ ପରେ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପାଇଁ ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେଉଁ ମାଇଲଷ୍ଟୋନ ଧାର୍ଯ୍ୟ କରିଛନ୍ତି ସେଥିପାଇଁ ଯାହା ଆବଶ୍ୟକ ପଡ଼ିବ ଦଳ ତା'ଉପରେ ନିଷ୍ପତ୍ତି ନେବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅନୁରୂପ ଭାବେ ବିଧାୟକ ଡ. ଅରୁଣ ସାହୁ ମଧ୍ୟ ଓଡ଼ିଶାର ବିକାଶ ପାଇଁ ଓ ସ୍ୱାର୍ଥ ରକ୍ଷା ପାଇଁ ଦଳ ଠିକଣା ସମୟରେ ଠିକଣା ନିଷ୍ପତ୍ତି ନେବ ବୋଲି କହିଥିଲେ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭

ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

Email : utkaldeepika2016@gmail.com


# ଗୋଠପାଟଣାଠାରେ ପ୍ରଥମ 'ଆଦିବାସୀ ଭବନ'ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୩:ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜଧାନୀର ଗୋଠପାଟଣା ଠାରେ ପ୍ରଥମ 'ଆଦିବାସୀ ଭବନ'ର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଉଥିବା ଏହି ଭବନ ଆଦିବାସୀ କଳା, ସଂସ୍କୃତି ଓ ବିକାଶର ବିଚାରବିମର୍ଶ, ବୈଠକ, ସମ୍ମିଳନୀ ଓ ପ୍ରଦର୍ଶନ ପାଇଁ ଏକ ବହୁମୁଖୀ କେନ୍ଦ୍ର ଭାବେ ପରିଗଣିତ ହେବ। ରାଜ୍ୟର ଆଦିବାସୀ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ଭବନ ନବୀନ ଓଡ଼ିଶା ସଶକ୍ତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନୁଯାୟୀ, ଏହି ପ୍ରସ୍ତାବିତ ଭବନର ଆବଶ୍ୟକତା ବିଷୟରେ ବିଭିନ୍ନ ଜନଜାତି ଗୋଷ୍ଠୀ ପକ୍ଷରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା କାର୍ଯ୍ୟକ୍ଷମ ହେଲେ



ଆଦିମ ଜନଜାତି ସମେତ ୬୪ଟି ଅନୁସୂଚିତ ଜନଜାତି ବର୍ଗର ଆଦିବାସୀ ଲୋକ ଉପକୃତ ହେବେ।

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ରାଜ୍ୟସ୍ତରୀୟ ପ୍ରଶାସନର ଏକ ପ୍ରକଳ୍ପ ଭାବରେ ବିକଶିତ ହେବାକୁ ଥିବା ଏହି ବହୁମୁଖୀ ସୁବିଧା କେନ୍ଦ୍ର ଆଦିବାସୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ସହାୟକ ହେବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ସୁବିଧାରେ ରହିବାର ବ୍ୟବସ୍ଥା କରିବ ଏହି 'ଆଦିବାସୀ ଭବନ'। ଏଥି ସହିତ ଅନୁସୂଚିତ ଜନଜାତି ସମୁଦାୟ ପ୍ରାୟତଃ ଭିନ୍ନ ଭିନ୍ନ ସାଂସ୍କୃତିକ ପ୍ରଥା, ଖାଦ୍ୟ ପସନ୍ଦ ଏବଂ ସାମାଜିକ ମାନଦଣ୍ଡ ବଜାୟ ରଖନ୍ତି। ଏହି ଭବନ ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ସେମାନଙ୍କ ସାଂସ୍କୃତିକ ସମ୍ବେଦନଶୀଳତାକୁ ମଧ୍ୟ ସମ୍ମାନ ଦେବ। ସେମାନଙ୍କ ପାଇଁ ଏକ ଆନନ୍ଦଦାୟକ ରହିବା ସୁବିଧା ମଧ୍ୟ ଉପଲବ୍ଧ କରିବ। 'ଆଦିବାସୀ ଭବନ'ରେ ରହିବାର ସୁବିଧା ସହ ସମ୍ମିଳନୀ କକ୍ଷ, କୋରାପୁଟ କଫି କାଫେ ଏବଂ ଆଦିଶାର ଦ୍ୱିତୀୟ ଆଉଟଲେଟ୍ ମଧ୍ୟ ରହିବ। ପ୍ରସ୍ତାବିତ 'ଆଦିବାସୀ ଭବନ' ଭୁବନେଶ୍ୱରରେ ଅତ୍ୟାବଶ୍ୟକ ସେବା ଓ ସମ୍ବଳ ଉପଲବ୍ଧ କରାଇବା ପାଇଁ ସେମାନଙ୍କ ପାଇଁ ଏକ ସୁବିଧାଜନକ ଭିତ୍ତିଭୂମି ଭାବେ କାର୍ଯ୍ୟ କରିବ। ଏଠାରେ ସ୍ୱାସ୍ଥ୍ୟ ସେବା ସୁବିଧା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ସୂଚନା ଓ ସହାୟତା ମିଳିପାରିବ। ଏଠାରେ ଆଦିବାସୀମାନଙ୍କ କଳାକୃତି ଏବଂ ପାରମ୍ପରିକ ବସ୍ତ୍ର ଉଭୟ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ସୁଯୋଗ ରହିବ। ସୂଚନାଯୋଗ୍ୟ ଯେ ଆଦିବାସୀ କଲ୍ୟାଣର ବିଭିନ୍ନ ଦିଗ ଉପରେ ଆଲୋଚନା, ବିଚାର ବିମର୍ଶ, ସଚେତନତା ଶିବିର ଆୟୋଜନ, ଏବଂ ନୂତନ ଚିନ୍ତାଧାରା ଉପରେ ଆଲୋଚନା କରିବା ପାଇଁ ସମସ୍ତ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପକ୍ଷରୁ ଆଦିବାସୀ ଭବନ ନିର୍ମାଣ ପାଇଁ ଦାବି କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ନିର୍ଦ୍ଦେଶକ ଅନୁସୂଚିତ ଜନଜାତି ଇନ୍ଦ୍ରମଣି ତ୍ରିପାଠୀ ଏବଂ ବିଭାଗୀୟ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଡ୍ରାଇଭିଂ ଟେଷ୍ଟ ବେଳେ ଜଗିବ ଏଆଇ : ରାଜ୍ୟର ୬ଟି ସ୍ଥାନରେ ଏଆଇ ଡ୍ରାଇଭିଂ ଟେଷ୍ଟିଂ ଆରମ୍ଭ

**ଭୁବନେଶ୍ୱର,୬।୩:ନ୍ୟୁଜ୍ ବ୍ୟୁରୋ**

ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷାବେଳେ ଏଣିକି କୌଣସି ମାନବ ହସ୍ତକ୍ଷେପ ରହିବ ନାହିଁ। ଏଣିକି କମ୍ପ୍ୟୁଟର ଆଧାରିତ ପରୀକ୍ଷା ହେବ। ଏଆଇ ଜରିଆରେ ସବୁକିଛିର ତଦାରଖ ହେବ। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନରେ ପକ୍ଷପାତ ହେଉଥିବା ଅଭିଯୋଗ ହେବା ପରେ ଅଟୋମେଟେଡ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ଆରମ୍ଭ ହୋଇଛି। ଅର୍ଥାତ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ବ୍ୟବସ୍ଥା ଅଟୋମେଟେଡ ହେବ। ଏଥିପାଇଁ ଏଆଇ କ୍ୟାମେରା ଖଞ୍ଜାଯାଇଛି। ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା କମ୍ପ୍ୟୁଟର ଆଧାରିତ ହେବ। ପରୀକ୍ଷାମୂଳକ ଭାବେ ଏହି ଅଟୋମେଟେଡ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ଗଞ୍ଜାମ, ଚଣ୍ଡିଖୋଲ, ରାଉରକେଲା, ଅନୁଗୁଳ, ସୁନ୍ଦରଗଡ ଓ କେନ୍ଦୁଝର ଭଳି ୬ଟି ସ୍ଥାନରେ ଆରମ୍ଭ ହୋଇଛି। ଆଗାମୀ ଦିନରେ ୩୮ଟି ଯାକ ଆରଟିଓ ଅଫିସରେ ଏହି ବ୍ୟବସ୍ଥା ହେବ। ଜାତୀୟ ରାଜପଥ କଡ଼ରେ ବେଆଇନ ପାର୍କିଂ ଯୋଗୁଁ ଅନେକ ସମୟରେ ରାସ୍ତା ଦୁର୍ଘଟଣା ଲୋକଙ୍କ ଜୀବନ ନେଉଛି। ଆଉ ଏହାକୁ ରୋକିବାକୁ ହେବ ଟ୍ରକ ଟର୍ମିନାଲ। ରାଜ୍ୟର ୨୩ଟି ସ୍ଥାନରେ ଟ୍ରକ୍ ଟର୍ମିନାଲ ହେବ। ଡ୍ରାଇଭର ଓ ଟ୍ରାନ୍ସପୋର୍ଟରଙ୍କ ପାଇଁ ସବୁ ସୁବିଧା ରହିବ। ଶହେରୁ ୩ ଶହ ଟ୍ରକ ପାର୍କିଂ ବ୍ୟବସ୍ଥା ରହିବ। ଟ୍ରକ ଟର୍ମିନାଲଗୁଡିକର କାମ ୧୨ରୁ ୧୮ ମାସ ମଧ୍ୟରେ ସରିବ।


ପ୍ରକାଶ ପାଇବାକୁ ଯାଉଛି...

'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।

**ଅନ୍ୟଭାଷାର କଥା :** ସୁପ୍ରଭା ରାୟ, ରେବା ପଟ୍ଟନାୟକ।

**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋତ୍ସ୍ନାସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ

ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ବିଜେଡିର ନୂଆ ୱେବ୍‌ସାଇଟ୍ ଉନ୍ମୋଚିତ

**ଭୁବନେଶ୍ୱର,୬।୩:ନ୍ୟୁଜ୍ ବ୍ୟୁରୋ**

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ନୂତନ ଭାବେ ପ୍ରସ୍ତୁତ ନାଗରିକ କୈନ୍ଦ୍ରିକ ୱେବସାଇଟ୍ (https://www.bjdodisha.org.in/) କୁ ଉନ୍ମୋଚନ କରିଛନ୍ତି । ଏହି ୱେବସାଇଟରେ ମହିଳା ସଶକ୍ତୀକରଣ, ଅନ୍ତର୍ଭୁକ୍ତି ବିକାଶ, ଆଦିବାସୀ କଲ୍ୟାଣ, ଯୁବ ଓ କ୍ରୀଡ଼ା, କୃଷି, ଆଇଟି ଏବଂ ପୁଞ୍ଜିନିବେଶ ଭଳି କ୍ଷେତ୍ରରେ ୫ଟି ନେତୃତ୍ୱାଧୀନ ପରିବର୍ତ୍ତନର ଏକାଧିକ ସ୍ତମ୍ଭ ପ୍ରଦର୍ଶିତ ହୋଇଛି । ଲୋକଙ୍କ ସ୍ୱରକୁ ସୁଦୃଢ଼ କରିବା, ସେମାନଙ୍କୁ ରାଜ୍ୟର ପ୍ରଗତିରେ ଅଂଶୀଦାର କରିବା ଦିଗରେ ଦଳର ପ୍ରତିବଦ୍ଧତାକୁ ମଧ୍ୟ ଏହି ୱେବସାଇଟରେ ଦର୍ଶାଯାଇଛି। ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ନିରନ୍ତର ପ୍ରୟାସ ଭାବେ



ସମସ୍ତ ଜିଲ୍ଲାର ଲୋକଙ୍କ ଠାରୁ ମତାମତ ସଂଗ୍ରହ କରିବା ଏବଂ ଅଭିଯୋଗର ଶୀଘ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବା ପାଇଁ ୱେବସାଇଟ୍‌ରେ ଏକ ବିଭାଗ ରହିଛି ।

ଏହି ୱେବସାଇଟରେ ଏକ ଆଧୁନିକ ସୋସିଆଲ ମିଡିଆ ପ୍ଲାଟଫର୍ମ ରହିଛି ଯେଉଁଥିରେ ଡିଜିଟାଲ ଡୋମେନରେ ସମର୍ଥକ ଏବଂ ନାଗରିକଙ୍କ ସହ ସମାନ ଭାବରେ ଯୋଡ଼ି ହେବା ପାଇଁ ଦଳର ପ୍ରୟାସକୁ ଦର୍ଶାଯାଇଛି। ଜନ କଲ୍ୟାଣ ପାଇଁ ଏକ ଅଲଗା ବିଭାଗ ସମର୍ପିତ, ଯେଉଁଠାରେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତାଲିକାଭୁକ୍ତ କରିଛି। ଯୋଜନାଗୁଡିକ ହିତାଧିକାରୀ ଭିତ୍ତିରେ ତାଲିକାଭୁକ୍ତ ହୋଇଛି ଏବଂ ନାଗରିକମାନଙ୍କୁ କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇବାରେ ଏହା ସାହାଯ୍ୟ କରିବ। ଏହି ୱେବସାଇଟରେ ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶାର ଭାବନା ପ୍ରତିଫଳିତ ହେବା ସହ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟବାସୀଙ୍କୁ 'ଶଙ୍ଖନାଦ'ରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭

ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,

ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

Email : utkaldeepika2016@gmail.com


# ଖୋଲା କାର୍‌ରେ ଶିମିଳିପାଳର ମଜା ନେବେ ପର୍ଯ୍ୟଟକ

**ବାରିପଦା,୬।୩:ନ୍ୟୁଜ୍ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଏବଂ ଏହାକୁ ପର୍ଯ୍ୟଟକଙ୍କ ଲାଗି ଅନୁକୂଳ କରିବା ନେଇ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏହି ପଦକ୍ଷେପ ମଧ୍ୟରେ ଖୁବ୍‌ଶୀଘ୍ର ୩୫ଟି ଅତ୍ୟାଧୁନିକ କାର୍ ଯୋଡ଼ି ହେବାକୁ ଯାଉଛି। ଅଭୟାରଣ୍ୟ ଭିତରର ଘଞ୍ଚ, ଦୁର୍ଗମ ରାସ୍ତାକୁ ଅତି ସହଜରେ ଅତିକ୍ରମ କରିବାର କ୍ଷମତା ଥିବା ଏହି କାର୍‌ଗୁଡ଼ିକ ଖୁବ୍‌ଶୀଘ୍ର ପର୍ଯ୍ୟଟକଙ୍କୁ ସେବା ଯୋଗାଇଦେବ। ଛାତ ନଥିବା ଏହି ଖୋଲା କାର୍‌ରେ ବସି ପର୍ଯ୍ୟଟକମାନେ ଅଭୟାରଣ୍ୟର ପ୍ରାକୃତିକ ଶୋଭାରାଜି ଏବଂ ବନ୍ୟପ୍ରାଣୀଙ୍କୁ ଦେଖିବାର ଏକ ନିଆରା ଅନୁଭୂତି ସାଉଁଟିବେ। ଚଳନ୍ତା ଗାଡ଼ିରୁ ଅନାୟାସରେ ଅଭୟାରଣ୍ୟର ଫଟୋ ଓ ଭିଡିଓ ମଧ୍ୟ ଉତ୍ତୋଳନ କରିପାରିବେ। ଏ ସଂପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡଃ ପ୍ରକାଶଚାନ୍ଦ ଗୋଗନେନୀ ସୂଚନା ଦେଇଛନ୍ତି।

ଡଃ ଗୋଗନେନୀଙ୍କ ସୂଚନାନୁଯାୟୀ, ସ୍ୱତନ୍ତ୍ର ଭାବେ ନିର୍ମିତ ଖୋଲା (ଜିମି) ଗାଡ଼ିରେ ପର୍ଯ୍ୟଟକଙ୍କ ପାଇଁ ୩ ଘଣ୍ଟିଆ ଭ୍ରମଣ ବ୍ୟବସ୍ଥା କାର୍ଯ୍ୟକାରୀ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଏବେ ଗାଡ଼ିଗୁଡ଼ିକର ମୋଡିଫିକେସନ୍ କାର୍ଯ୍ୟ ଚାଲିଛି। ସମ୍ଭବତଃ ମେ' ମାସରୁ ଏହା କାର୍ଯ୍ୟକାରୀ ହେବ। ଏହି ସମସ୍ତ ଗାଡ଼ି ବାରିପଦାର ପିଠାବଟା (ଲୁଲୁଙ୍ଗ) ପ୍ରବେଶ ଫାଟକ ପଟୁ ଚାଲିବ। ଏଥିରେ ସ୍ଥାନୀୟ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତି ଦିଆଯିବ। ସକାଳେ ୩ ଘଣ୍ଟା ଓ ଅପରାହ୍ଣରେ ୩ ଘଣ୍ଟା; ଦିନକୁ ଦୁଇଥର ଗାଡ଼ିଗୁଡ଼ିକ ଅଭୟାରଣ୍ୟର ଘଞ୍ଚ ରାସ୍ତାରେ ଯିବ। ଫଳରେ ଅପରୂପ ଶୋଭାରାଜିର ଦୃଶ୍ୟ ସହ ବନ୍ୟପ୍ରାଣୀ ଦେଖିବାକୁ ପର୍ଯ୍ୟଟକ ସୁଯୋଗ ପାଇବେ। ଏହାଦ୍ୱାରା ବାରିପଦା ସହରରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ହୋଟେଲ, ରିସୋର୍ଟ ଓ ପର୍ଯ୍ୟଟକଙ୍କ ସହ ଜଡ଼ିତ ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ ବୃଦ୍ଧି ପାଇବ। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମଧ୍ୟ ଉପକୃତ ହେବେ। ୩୫ଟି ଗାଡ଼ି ପ୍ରଚଳନ ପରେ ଘଞ୍ଚ ଜଙ୍ଗଲ ରାସ୍ତାକୁ ଘରୋଇ ଗାଡ଼ି ପ୍ରବେଶ ଉପରେ କଟକଣା ରହିବ। କେବଳ ଜଳପ୍ରପାତ ଭ୍ରମଣ ପାଇଁ ଘରୋଇ ଗାଡ଼ିକୁ ଅନୁମତି ଦିଆଯିବ। ତାହା ପୁଣି ସମ୍ଭବତଃ ଯଶିପୁରର କାଳିଆଣି ଫାଟକ ପଟୁ ଅନୁମତି ମିଳିବ। ଏ ସମ୍ବନ୍ଧରେ ଆଲୋଚନା ଜାରି ରହିଛି ବୋଲି ଶ୍ରୀ ଗୋଗନେନୀ କହିଛନ୍ତି।

ବାରିପଦାର ମଞ୍ଚାବନ୍ଧାରେ ବିଶ୍ୱର ସର୍ବପ୍ରଥମ କଳାବାଘ ସଫାରୀ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ଶେଷସୁଦ୍ଧା ନିର୍ମାଣ ଲକ୍ଷ୍ୟ ରହିଛି। ଏଣୁ ଖୋଲା ଗାଡ଼ିରେ ବାଘସଫାରୀ ଓ ଶିମିଳିପାଳ ପରିଭ୍ରମଣ ପାଇଁ ଆସନ୍ତା ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁଡ଼ଗୁଡ଼ିଆ ଭିତରକୁ ପର୍ଯ୍ୟଟକଙ୍କୁ ଅନୁମତି ମିଳିଥିବା ବେଳେ ବାଙ୍ଗିରିପୋଷିର ତାଳବନ୍ଧରୁ ଚହଲା ପର୍ଯ୍ୟନ୍ତ ରାସ୍ତା ଖୋଲିବା ବିଚାରାଧୀନ ଅଛି ବୋଲି ସେ ସୂଚନା ଦେଇଛନ୍ତି। ଗୋଟିଏପଟେ '୫-ଟି' ଉପକ୍ରମରେ ଦେବକୁଣ୍ଡ, ଭୀମକୁଣ୍ଡ ଓ ରାମତୀର୍ଥର ବିକାଶ ଓ ଅନ୍ୟପଟେ ବାଘସଫାରୀ ଓ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦ୍ୱାରା ଶିମିଳିପାଳର ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବ ଏବଂ ଏହା ମୟୂରଭଞ୍ଜର ଆର୍ଥିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କୁହାଯାଉଛି।